POSTAL REGISTRATION NO.- PURI/45/2025-27

RNI REGISTRATION NO.- ODIBIL/2021/81452



# ଶ୍ରୀ ଶ୍ରୀକ୍ଷେତ୍ର ସୂଚନା

SHREE SHRIKSHETRA SOOCHANA



Visit our website: sssoochanaenewspaper.in

/shreeshrikshetrasoochana /ssoochana +91 94370 58632

VOLL : 5 ❖ ପଞ୍ଚମ ବର୍ଷ | ISSUE : 6 ❖ ଷଷ୍ଠ ସଂଖ୍ୟା | JUNE : 2026 ❖ ଜୁନ୍ ୨୦୨୬ | PURI ❖ ପୁରୀ | PAGE : 8 ❖ ପୃଷ୍ଠା : ୮ | RS.10 ❖ ମୂଲ୍ୟ:ଟ୧୦.୦୦

## ସଂପାଦକୀୟ

### ୪.୫ କୋଟି ଓଡ଼ିଆଙ୍କ ପ୍ରାଣର ଦେବତାଙ୍କ ପରମ୍ପରାକୁ ଅବମାନନା କେତେଦିନ ଆଉ ସହିବା ?



ଶ୍ରୀଜଗନ୍ନାଥ କେବଳ ଓଡ଼ିଶାର ଆରାଧ୍ୟ ଦେବତା ନୁହନ୍ତି; ସେ ୪.୫ କୋଟି ଓଡ଼ିଆଙ୍କ ଆତ୍ମା, ଆସ୍ଥା, ସଂସ୍କୃତି ଓ ପରିଚୟର ପ୍ରତୀକ। ଶ୍ରୀକ୍ଷେତ୍ର ପୁରୀର ଶ୍ରୀମନ୍ଦିରରେ ପାଳିତ ପ୍ରତ୍ୟେକ ନୀତି, ପର୍ବ ଓ ଉତ୍ସବ କେବଳ ଆଚାର ନୁହେଁ, ବରଂ ହଜାର ହଜାର ବର୍ଷର ଶାସ୍ତ୍ରସମ୍ମତ ପରମ୍ପରାର ଜୀବନ୍ତ ରୂପ।

ସ୍କନ୍ଦ ପୁରାଣର 'ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ' ଏବଂ 'ନୀଳାଦ୍ରି ମହୋଦୟ' ଗ୍ରନ୍ଥରେ ଶ୍ରୀଜଗନ୍ନାଥ ମହାପ୍ରଭୁ ସ୍ୱୟଂ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସମ୍ମୁଖରେ ଘୋଷଣା କରିଥିବା ବର୍ଣ୍ଣନା ମିଳେ ଯେ, ଜ୍ୟେଷ୍ଠ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନଯାତ୍ରା ପାଳନ କରାଯିବ ଏବଂ ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ରଥଯାତ୍ରା ବା ଶ୍ରୀଗୁଣ୍ଡିଚା ଯାତ୍ରା ସୂର୍ଯ୍ୟ ଓ ଚନ୍ଦ୍ର ଯେତେ ଯାଏଁ ବିଦ୍ୟମାନ ରହିବେ ସେପର୍ଯ୍ୟନ୍ତ ପାଳନ ହେବ। ଏହା ଶ୍ରୀଜଗନ୍ନାଥ ସଂସ୍କୃତିର ମୂଳ ଆଧାର।

ସନାତନ ଧର୍ମରେ ତିଥି ସର୍ବୋପରି। ଧାର୍ମିକ ଆଚାର ଓ ପର୍ବପର୍ବାଣୀ ସୁବିଧା, ସପ୍ତାହାନ୍ତ କିମ୍ବା ସଂଗଠନର ଅନୁକୂଳତା ଦେଖି ନୁହେଁ; ଶାସ୍ତ୍ର ନିର୍ଦ୍ଦିଷ୍ଟ ତିଥି ଅନୁଯାୟୀ ପାଳନ କରାଯାଏ। ଏହି ପରମ୍ପରା ହିଁ ସନାତନ ଧର୍ମର ଆତ୍ମା।

ଏପରି ପରିପ୍ରେକ୍ଷ୍ୟରେ, ଅନେକ ସମୟରେ ଏହାକୁ ନେଇ ଆପତ୍ତି ଉଠିଛି ଯେ କିଛି ସ୍ଥାନରେ ଇସ୍କନ ପକ୍ଷରୁ ସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରାକୁ ଶ୍ରୀମନ୍ଦିରର ପାରମ୍ପରିକ ତିଥି ପରିବର୍ତ୍ତେ ସଂଗଠନଗତ ସୁବିଧା ଅନୁଯାୟୀ ଆୟୋଜନ କରାଯାଉଛି। ଏହି ପ୍ରସଙ୍ଗରେ ଶ୍ରୀଜଗନ୍ନାଥ ପ୍ରେମୀ, ମୁକ୍ତିମଣ୍ଡପ ପଣ୍ଡିତ, ସେବାୟତ ସମାଜ ଓ ଅନେକ ଧାର୍ମିକ ସଂଗଠନ ଗଭୀର ଉଦ୍ବେଗ ପ୍ରକାଶ କରିଆସୁଛନ୍ତି। ସେମାନଙ୍କର ମତ ହେଉଛି, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର କରିବାକୁ ହେଲେ ପ୍ରଥମେ ତାହାର ଶାସ୍ତ୍ରସମ୍ମତ ମର୍ଯ୍ୟାଦାକୁ ନିଷ୍ଠାର ସହ ପାଳନ କରିବା ଆବଶ୍ୟକ।

ଯଦି କୌଣସି ସଂସ୍ଥା ମହାପ୍ରଭୁଙ୍କ ନାମରେ ବିଶ୍ୱବ୍ୟାପୀ ପ୍ରଚାର କରେ, ତେବେ ଶ୍ରୀମନ୍ଦିରର ପ୍ରତିଷ୍ଠିତ ପରମ୍ପରା, ଶାସ୍ତ୍ର ଓ ତିଥିକୁ ସମ୍ମାନ ଦେବା ତାହାର ନୈତିକ ଦାୟିତ୍ୱ। ପରମ୍ପରାକୁ ପରିବର୍ତ୍ତନ କରି ତାହାକୁ ଶ୍ରୀଜଗନ୍ନାଥ ସଂସ୍କୃତିର ଅଂଶ ବୋଲି ଉପସ୍ଥାପନ କରିବା ସ୍ୱାଭାବିକ ଭାବରେ ଭକ୍ତମାନଙ୍କ ମନରେ ପ୍ରଶ୍ନ ସୃଷ୍ଟି କରେ।

ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଗଜପତି ମହାରାଜ ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ ଓ ଅନ୍ୟାନ୍ୟ ପରମ୍ପରାର ରକ୍ଷକମାନଙ୍କ ପକ୍ଷରୁ ସମୟ ସମୟରେ ଯେଉଁ ପରାମର୍ଶ କିମ୍ବା ଆପତ୍ତି ଉଠାଯାଇଛି, ସେଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରିବା ସମସ୍ତ ସମ୍ପୃକ୍ତ ସଂସ୍ଥାର କର୍ତ୍ତବ୍ୟ। ଧାର୍ମିକ ପରମ୍ପରା ସମ୍ପର୍କିତ ମତଭେଦର ସମାଧାନ ସଂଳାପ, ଶାସ୍ତ୍ର ଓ ପରମ୍ପରାର ଆଧାରରେ ହେବା ଉଚିତ।

ଆଜି ଆବଶ୍ୟକତା ହେଉଛି ଓଡ଼ିଆ ସମାଜ ଏକ ସ୍ୱରରେ ଶ୍ରୀଜଗନ୍ନାଥଙ୍କ ମୂଳ ପରମ୍ପରାର ସୁରକ୍ଷା ପାଇଁ ସଚେତନ ହେଉ। ଭକ୍ତମାନେ ଶ୍ରୀମନ୍ଦିରର ପ୍ରଚଳିତ ଶାସ୍ତ୍ରସମ୍ମତ ତିଥି ଓ ନୀତିକୁ ଅନୁସରଣ କରନ୍ତୁ ଏବଂ କୌଣସି ବିଭ୍ରାନ୍ତିରୁ ଦୂରେ ରୁହନ୍ତୁ।

ଯଦି କୌଣସି ସଂସ୍ଥା ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରତିନିଧିତ୍ୱ ଦାବି କରେ, ତେବେ ସେହି ସଂସ୍ଥା ଶ୍ରୀମନ୍ଦିରର ଶାସ୍ତ୍ରସମ୍ମତ ତିଥି ଓ ପରମ୍ପରାକୁ ସମ୍ମାନ କରିବା ଉଚିତ। ଯଦି କୌଣସି ବିବାଦ ରହିଛି, ତାହାର ସମାଧାନ ପାଇଁ ଆଇନସମ୍ମତ ଓ ପ୍ରଶାସନିକ ପଦକ୍ଷେପ ନେବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ।

ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ସଂସ୍ଥାର ନୁହନ୍ତି; ସେ ସମଗ୍ର ଜଗତର। କିନ୍ତୁ ତାଙ୍କର ପରମ୍ପରା, ତିଥି ଓ ନୀତିକାନ୍ତି ଶାସ୍ତ୍ର ଓ ଶ୍ରୀମନ୍ଦିରର ଅବିଚ୍ଛିନ୍ନ ପରମ୍ପରା ଦ୍ୱାରା ନିର୍ଦ୍ଧାରିତ। ସେହି ପରମ୍ପରାର ସୁରକ୍ଷା କରିବା ୪.୫ କୋଟି ଓଡ଼ିଆଙ୍କ ଧର୍ମ, କର୍ତ୍ତବ୍ୟ ଓ ଗୌରବ।

*ରାଜେଶ କୁମାର ମହାନ୍ତି*



ହାତୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ମହାବାହୁ



ଶ୍ରୀବିଗ୍ରହଙ୍କ ଅନୁପସ୍ଥିତିରେ ପଟିଦିଅଁ ପୂଜା

## ରାଜ୍ୟ ଶିଳ୍ପ ଇତିହାସରେ ନୂଆ ଅଧ୍ୟାୟ

# ୧.୧୦ ଲକ୍ଷ କୋଟି ନିବେଶ ରାସ୍ତା ଖୋଲିଲା

- ଆଇଏଚ୍‌ସି ଓ ଆଦାନୀ କରିବେ ମେଗା ଆଲୁମିନିୟମ ପ୍ରକଳ୍ପ
- ୫୩, ୫୦୦ ନିଯୁକ୍ତି ସୁଯୋଗ ମିଳିବ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର: ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ନିବେଶକମାନଙ୍କ ପାଇଁ ଓଡ଼ିଶାର ଆକର୍ଷଣ କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି। ଏହି କ୍ରମରେ ବିଶ୍ୱସ୍ତରୀୟ ପୁଞ୍ଜିନିବେଶ ଆକୃଷ୍ଟ କରିବାରେ ଆଜି ରାଜ୍ୟ ଶିଳ୍ପ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ଆଦାନୀ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ ଓ ସଂଯୁକ୍ତ ଆରବ ଏମିରେଟ୍‌ସର ଆଇଏଚ୍‌ସି ଗ୍ରୁପ କମ୍ପାନି ମଧ୍ୟରେ ଓଡ଼ିଶାରେ ୧୧.୫ ବିଲିଅନ୍ ଡଲାର (ପ୍ରାୟ ୧.୧୦ ଲକ୍ଷ କୋଟି ଟଙ୍କା) ନିବେଶରେ ଏକ ମେଗା ସମନ୍ୱିତ ଆଲୁମିନିୟମ ପ୍ରକଳ୍ପ ସ୍ଥାପନ ହେବ।

ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଓଡ଼ିଶା ସରକାରଙ୍କ ଶିଳ୍ପ ପ୍ରୋତ୍ସାହନ ସଂସ୍ଥା 'ଇପିକଲ୍' ଏବଂ ସଂଯୁକ୍ତ ଆରବ ଏମିରେଟ୍‌ସର ଇଣ୍ଟରନ୍ୟାସ୍‌ନାଲ ହୋଲ୍‌ଡିଂ କମ୍ପାନି ମଧ୍ୟରେ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଉକ୍ତ ପ୍ରକଳ୍ପରେ ବାର୍ଷିକ ୪ ନିୟୁତ ମେଟ୍ରିକ ଟନ୍‌ର ଆଲୁମିନା ରିଫାଇନାରି, ବାର୍ଷିକ ୨ ନିୟୁତ ଟନ୍‌ର ଆଲୁମିନିୟମ୍ ସ୍ମେଲ୍‌ଟର, ୧ ମିଲିଅନ୍ ମେଟ୍ରିକ୍ ଟନ୍‌ର ଡାଉନ୍‌ଷ୍ଟ୍ରିମ୍ ପାର୍କ ମ୍ୟାନୁଫାକ୍‌ଚରିଂ ପାର୍କ ସ୍ଥାପନ ହେବ। ଫଳରେ ଏହା ଦେଶର ସର୍ବବୃହତ୍ ସମନ୍ୱିତ ଆଲୁମିନିୟମ୍ ପ୍ରକଳ୍ପରେ ପରିଣତ ହେବ। ଉକ୍ତ ଗ୍ରିନଫିଲ୍‌ଡ ପ୍ରକଳ୍ପ ଦୁଇଟି ପର୍ଯ୍ୟାୟରେ ପ୍ରତିଷ୍ଠା କରାଯିବ। ପ୍ରଥମ ପର୍ଯ୍ୟାୟରେ ୬୬ ହଜାର କୋଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୪୪ ହଜାର କୋଟି ଟଙ୍କା ନିବେଶ ହେବ।

ଏମ୍‌ଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ଆଧୁନିକ ଓ ସମାବେଶୀ ଓଡ଼ିଶା ଗଠନ ପାଇଁ ସରକାରଙ୍କ ଉଦ୍ୟମ ସଫଳତାର ସହ ଜାରି ରହିଛି ବୋଲି କହିଥିଲେ। ଓଡ଼ିଶାର ସମ୍ବଳ ଓ ପ୍ରତିଭା ସହ ମଧ୍ୟପ୍ରାଚ୍ୟର ପୁଞ୍ଜି ଏବଂ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟରେ ଏକ ସମୃଦ୍ଧ ସହଭାଗିତା ଗଠନ ହେବ। ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାରେ ବକ୍ସାଇଟ୍ ଖଣି କାର୍ଯ୍ୟ, ଆଲୁମିନା ରିଫାଇନିଂ, ଆଲୁମିନିୟମ୍ ସ୍ମେଲଟିଂ, କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ ସମେତ ଡାଉନ୍‌ଷ୍ଟ୍ରିମ୍ ଆଲୁମିନିୟମ୍ ଉତ୍ପାଦନ ଓ ଭିତ୍ତିଭୂମିର ବିକାଶ କରାଯିବ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଏହି ମେଗା ପ୍ରକଳ୍ପ ଦ୍ୱାରା ନିର୍ମାଣ ପର୍ଯ୍ୟାୟରେ ପ୍ରାୟ ୩୫,୦୦୦ ଏବଂ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ୧୮,୫୦୦ ଲୋକଙ୍କୁ ମିଶାଇ ପୃଷ୍ଠା ➥ ୭

## ଭାରତ-ଜାପାନ ସ୍ୱତନ୍ତ୍ର ରଣନୈତିକ ସହଭାଗିତା

# ଏଆଇ, ପ୍ରତିରକ୍ଷା କ୍ଷେତ୍ରରେ ବ୍ୟାପକ ସହଯୋଗ ଚୁକ୍ତି

ନୂଆଦିଲ୍ଲୀ ନୂଆଦିଲ୍ଲୀରେ ଆୟୋଜିତ ୧୬ଶ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଜାପାନର ପ୍ରଧାନମନ୍ତ୍ରୀ ସନାଏ ତାକାଇଚି ଉଭୟ ଦେଶର 'ସ୍ୱତନ୍ତ୍ର ରଣନୈତିକ ଓ ବିଶ୍ୱସ୍ତରୀୟ ସହଭାଗିତା'କୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ବ୍ୟାପକ ରୋଡ୍‌ମ୍ୟାପ୍ ଘୋଷଣା କରିଛନ୍ତି। ଏଥିରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ପ୍ରତିରକ୍ଷା, ଶକ୍ତି, ସେମିକଣ୍ଡକ୍ଟର, କ୍ୱାଣ୍ଟମ୍ ପ୍ରଯୁକ୍ତି, ଜରୁରୀ ଖଣିଜ, ଅର୍ଥନୈତିକ ସୁରକ୍ଷା ଓ ପରବର୍ତ୍ତୀ ପିଢ଼ିର ପରିବହନ ବ୍ୟବସ୍ଥାକୁ ପ୍ରାଥମିକତା ଦିଆଯାଇଛି। ଏହା ସହିତ ଭାରତରେ ୧୦ ବିଲିୟନ୍ ଡଲାରରୁ ଅଧିକ ନୂଆ ଜାପାନୀ ନିବେଶ ଆଣିବା ଏବଂ ଆସନ୍ତା ଦଶ ବର୍ଷ ମଧ୍ୟରେ ୧୦ ଟ୍ରିଲିୟନ୍ ୟେନ୍ ନିବେଶର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଆଜି ମିଳିତ ଫୋରମ୍‌ରେ ବିବୃତି ପ୍ରଦାନ ବେଳେ ଦୁଇ ନେତାଙ୍କ ମଧ୍ୟରେ ନିବିଡ଼ ବନ୍ଧୁତ୍ୱ ମଧ୍ୟ ପ୍ରଦର୍ଶିତ ହୋଇଥିଲା । ତାକାଇଚି ପ୍ରକାଶ କରିଥିଲେ ଯେ ମୋଦୀ ତାଙ୍କୁ 'ସୁନ୍ଦର ସାନ ଭଉଣୀ' ବୋଲି କହିଛନ୍ତି। ତାକାଇଚି ମଧ୍ୟ ମୋଦୀଙ୍କୁ ତାଙ୍କର ବଡ଼ ଭାଇ ବୋଲି ସମ୍ବୋଧିତ କରିଥିଲେ।



ସମ୍ମିଳନୀ ପରେ ମିଳିତ ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ଗତ ଏକ ବର୍ଷରେ ଦୁଇ ଦେଶର କମ୍ପାନିମାନଙ୍କ ମଧ୍ୟରେ ପ୍ରାୟ ୧୨୦ଟି ନୂଆ ବ୍ୟବସାୟିକ ଚୁକ୍ତି ସ୍ୱାକ୍ଷର ହୋଇଛି। ଏହା ଭାରତରେ ବିପୁଳ ଜାପାନୀ ନିବେଶକୁ ପ୍ରୋତ୍ସାହନ ଦେବ। ଏଥିସହ ଭାରତରେ କାର୍ଯ୍ୟରତ ଜାପାନୀ କମ୍ପାନିଙ୍କ ସଂଖ୍ୟାକୁ ଆଗାମୀ ଦଶକରେ ଦ୍ୱିଗୁଣିତ କରିବାକୁ ଉଭୟ ଦେଶ ଲକ୍ଷ୍ୟ ରଖିଛନ୍ତି। ଦୁଇ ଦେଶର ଆର୍ଥିକ ନିୟାମକ ସଂସ୍ଥାମାନଙ୍କ ମଧ୍ୟରେ ସହଯୋଗ ଚୁକ୍ତି ମଧ୍ୟ ସ୍ୱାକ୍ଷର ହୋଇଛି, ଯାହା ପୁଞ୍ଜିନିବେଶକୁ ସହଜ କରିବ।

ଶିଖର ସମ୍ମିଳନୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଫଳତା ହେଉଛି ପ୍ରତିରକ୍ଷା ଓ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ମିଳିତ ଘୋଷଣାପତ୍ର ଓ ସହଯୋଗ ଚୁକ୍ତି। ଏହା ମାଧ୍ୟମରେ ଭାରତର ସଫ୍ଟୱେର କ୍ଷମତା ଓ ଜାପାନର ଉନ୍ନତ ପ୍ରଯୁକ୍ତିକୁ ଏକାଠି କରି ବିଶ୍ୱସ୍ତରୀୟ ଏଆଇ ଉଦ୍ଭାବନକୁ ଆଗକୁ ବଢ଼ାଯିବ। ଏହା ବ୍ୟତୀତ ଧାତୁ, ଶକ୍ତି ସୁରକ୍ଷା, ନୂତନ ପିଢ଼ିର ପରିବହନ ବ୍ୟବସ୍ଥା ଓ ଅର୍ଥନୈତିକ ସୁରକ୍ଷା କ୍ଷେତ୍ରରେ ମଧ୍ୟ ଏକାଧିକ ଚୁକ୍ତି ସ୍ୱାକ୍ଷର ହୋଇଛି। ଯ ପୃଷ୍ଠା ➥ ୭

# ସେନାଧ୍ୟକ୍ଷ ଭାବେ ଦାୟିତ୍ୱ ନେଲେ ଧୀରଜ ସେଠ

ନୂଆଦିଲ୍ଲୀ: ଜେନେରାଲ ଧୀରଜ ସେଠ ଭାରତୀୟ ସେନାର ୩୧ତମ ସେନାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ 'କର୍ତ୍ତବ୍ୟ, ସମ୍ମାନ ଓ ରାଷ୍ଟ୍ର ସର୍ବପ୍ରଥମ' ଆଦର୍ଶ ପ୍ରତି ନିଜର ଅତୁଟ ପ୍ରତିବଦ୍ଧତା ବ୍ୟକ୍ତ କରିବା ସହ ଭାରତୀୟ ସେନାକୁ ପ୍ରଯୁକ୍ତିନିର୍ଭର, ଆଧୁନିକ ଏବଂ ଭବିଷ୍ୟତମୁଖୀ ବାହିନୀରେ ପରିଣତ କରିବାର ସଂକଳ୍ପ ନେଇଛନ୍ତି।



ଦାୟିତ୍ୱ ଗ୍ରହଣ ପରେ ଜେନେରାଲ ସେଠ କହିଥିଲେ ଯେ, ଭାରତୀୟ ସେନାର ନେତୃତ୍ୱ ନେବା ତାଙ୍କ ପାଇଁ ଗର୍ବ ଓ ବିନମ୍ରତାର ବିଷୟ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସଶସ୍ତ୍ର ବାହିନୀ ପାଇଁ ପ୍ରଦତ୍ତ 'ବିଜୟ ମନ୍ତ୍ର' ଭାରତର ସଫଳତାର ମୂଳ ଆଧାର ବୋଲି ସେ କହିଥିଲେ।

ସେ ସ୍ପଷ୍ଟ କରିଥିଲେ ଯେ 'ବିଜୟ' ଶବ୍ଦରେ ଭିଜିଲାନ୍ସ (ସତର୍କତା), ଇନୋଭେସନ୍ (ଉଦ୍ଭାବନ), ଜଏଣ୍ଟନେସ୍ (ମିଳିତ କାର୍ଯ୍ୟପ୍ରଣାଳୀ), ଆତ୍ମନିର୍ଭରତା ଏବଂ ଯବାନଙ୍କୁ ସର୍ବୋଚ୍ଚ ପ୍ରାଥମିକତା ଭଳି ପାଞ୍ଚଟି ମୂଳ ଲକ୍ଷ୍ୟ ସାମିଲ ରହିଛି। ଏହି ନୀତି ଅନୁସରଣ କରି ସେନାକୁ ସମସ୍ତ କ୍ଷେତ୍ରରେ ସକ୍ଷମ ଓ ଅତ୍ୟାଧୁନିକ କରାଯିବ।

ଜେନେରାଲ ସେଠ କହିଥିଲେ, ବର୍ତ୍ତମାନର ପରିବର୍ତ୍ତନଶୀଳ ସୁରକ୍ଷା ପରିବେଶକୁ ଦୃଷ୍ଟିରେ ରଖି ସେନାର ଆଧୁନିକୀକରଣକୁ ଅଧିକ ଗତି ଦେବା ଆବଶ୍ୟକ। ସେନାକୁ ଏପରି ଭାବେ ଗଢ଼ି ତୋଳାଯିବ, ଯାହା ପ୍ରଯୁକ୍ତି ସମ୍ପନ୍ନ ହେବା ସହ ଭୂମି, ଜଳ, ଆକାଶ, ସାଇବର ଓ ମହାକାଶ ସମେତ ପୃଷ୍ଠା ➥ ୭

## ଆତଙ୍କବାଦ ବିରୋଧରେ ଭାରତର ବଡ଼ କାର୍ଯ୍ୟାନୁଷ୍ଠାନ

# ଲସ୍କର ଏବଂ ଜୈସର ୨୩ ସଦସ୍ୟ ଆତଙ୍କବାଦୀ ଘୋଷିତ

ନୂଆଦିଲ୍ଲୀ: ଆତଙ୍କବାଦ ବିରୋଧରେ ଭାରତ ଏକ ବଡ଼ ପଦକ୍ଷେପ ନେଇଛି। କେନ୍ଦ୍ର ସରକାର ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ(ୟୁଏପିଏ)ଅନ୍ତର୍ଗତ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଏବା ଏବଂ ଜୈଶ୍-ଏ-ମହମ୍ମଦର ୨୩ ଜଣ ସଦସ୍ୟଙ୍କୁ ଆନୁଷ୍ଠାନିକ ଭାବରେ ଆତଙ୍କବାଦୀ ଭାବରେ ନାମିତ କରିଛନ୍ତି। ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ଗେଜେଟ୍ ବିଜ୍ଞପ୍ତିରେ ୟୁଏପିଏର ଚତୁର୍ଥ ସୂଚୀରେ ସେମାନଙ୍କ ନାମ ଅନ୍ତର୍ଭୁକ୍ତ କରାଯାଇଛି। ସରକାର କହିଛନ୍ତି ଯେ, ସେମାନେ ସମସ୍ତେ ଭାରତ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପରେ ସକ୍ରିୟ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ପାକିସ୍ତାନ କିମ୍ବା ପାକ୍ ଅଧିକୃତ କାଶ୍ମୀରରେ ଲୁଚି ରହିଛନ୍ତି। ଗୃହ ମନ୍ତ୍ରଣାଳୟର ତାଲିକାରେ ଜୈଶ୍-ଏ-ମହମ୍ମଦର ମାସୁଦ ଇଲିଆସ୍ କାଶ୍ମୀରୀ, ମହମ୍ମଦ ମୁସାଦିକ୍, ମୁଫ୍ତି ମହମ୍ମଦ ଅସଗର ଖାନ, ହାଫିଜ୍ ଅବଦୁଲ୍ ଶକୁରଙ୍କ ନାମ ରହିଛି। ସେମାନଙ୍କ ଉପରେ ୨୦୧୬ରେ ନାଗରୋଟାରେ ଭାରତୀୟ ସେନା ଶିବିର ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଏବଂ ୨୦୨୨ରେ ଜମ୍ମୁର ସୁଞ୍ଜୱାନରେ ସୁରକ୍ଷା ବାହିନୀ ଉପରେ ହୋଇଥିବା ଆକ୍ରମଣରେ ସମ୍ପୃକ୍ତି ଥିବା ଅଭିଯୋଗ ରହିଛି। ଏହା ବ୍ୟତୀତ, ଲସ୍କର-ଏ-ତୈବା ସହିତ ଜଡିତ ଅବଦୁଲ୍ ରଉଫ୍ ଏବଂ ହାଫିଜ୍ ଖାଲିଦ୍ ୱାଲିଦ୍‌ଙ୍କୁ ଆତଙ୍କବାଦୀ ନେତା ହାଫିଜ୍ ମହମ୍ମଦ ସଇଦର ଘନିଷ୍ଠ ସହଯୋଗୀ ଭାବରେ ବର୍ଣ୍ଣନା କରାଯାଇଛି।

ତାଲିକାରେ ମହମ୍ମଦ ଶାହିଦ ଫୈସଲ, ଓରଫ ଉସ୍ତାଦ୍, ଓରଫ ଜାକିରଙ୍କ ନାମ ରହିଛି। ବିଜ୍ଞପ୍ତି ଅନୁଯାୟୀ, ତାଙ୍କର ସ୍ଥାୟୀ ଠିକଣା କର୍ଣ୍ଣାଟକର ବେଙ୍ଗାଲୁରୁ। କିନ୍ତୁ ସେ ବର୍ତ୍ତମାନ ପାକିସ୍ତାନର ରାୱଲପିଣ୍ଡିରେ ରହୁଛନ୍ତି। ସରକାର ଅଭିଯୋଗ କରିଛନ୍ତି ଯେ, ସେ ଲସ୍କର-ଏ-ତୈବା, ଅଲ-କାଏଦା ଏବଂ ଆଇଏସଆଇଏସ ସହ ଜଡିତ ମଡ୍ୟୁଲ ସମ୍ପର୍କରେ ଅଛନ୍ତି। ତାଙ୍କ ବିରୋଧରେ ସୋସିଆଲ ପୃଷ୍ଠା ➥ ୭

# ସରକାର ବାଣ୍ଟିବେ କୋଟିଏ ଲକ୍ଷ୍ମୀ ପୁରାଣ ବହି

## ବଳରାମ ଦାସଙ୍କ ସମାଧିପୀଠରେ ନିର୍ମାଣ ହେବ 'ଲକ୍ଷ୍ମୀ ପୁରାଣ କରିଡର'

### 'ଶକ୍ତି ବନ୍ଦନାର ମହାଗାଥା' ଜାତୀୟ ଆଲୋଚନାଚକ୍ର

ଭୁବନେଶ୍ୱର: ରାଜ୍ୟ ସରକାର କୋଟିଏ ଲକ୍ଷ୍ମୀ ପୁରାଣ ବହି ଛାପିବେ। ଏକ କୋଟି ମହିଳାଙ୍କୁ ଏହା ବଣ୍ଟନ କରାଯିବ। ମୂଳ ଲକ୍ଷ୍ମୀ ପୁରାଣକୁ ଭିତ୍ତି କରି ଏହି ସଂସ୍କରଣ ପ୍ରସ୍ତୁତ କରାଯାଇଛି। ଏହା ସହ ଲକ୍ଷ୍ମୀପୁରାଣ ରଚୟିତା ବଳରାମ ଦାସଙ୍କ ସମାଧି ପୀଠ ଗୋପ ବ୍ଲକ୍ ଅନ୍ତର୍ଗତ ବେଗୁନିଆ ଗ୍ରାମରେ 'ଲକ୍ଷ୍ମୀ ପୁରାଣ କରିଡର୍' ନିର୍ମାଣ ହେବ। ଓଡ଼ିଶାର ଶକ୍ତି, ସଂସ୍କୃତି ଓ ପରମ୍ପରାର ଦର୍ଶନକୁ ବିଶ୍ୱବାସୀଙ୍କୁ ପରିଚିତ କରାଇବା ପାଇଁ ପର୍ଯ୍ୟଟନ ବିଭାଗ ଏହି ପ୍ରକଳ୍ପ କରୁଛି। ୨୮ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏହି କରିଡର୍‌ର ନିର୍ମାଣ କାର୍ଯ୍ୟ ତିନି ବର୍ଷ ଭିତରେ ଶେଷ ହେବ।



ଆଜି ମିସନ୍ ଶକ୍ତି ଭବନଠାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ 'ଶକ୍ତି ବନ୍ଦନାର ମହାଗାଥା - ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ରରେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସୂଚନା ଦେଇଛନ୍ତି। ସେ କହିଥିଲେ, ମହାଲକ୍ଷ୍ମୀ ପୁରାଣର ମୂଳ ବାର୍ତ୍ତା କେବଳ ଧାର୍ମିକ ନୁହେଁ, ବରଂ ଏହା ଏକ ସାମାଜିକ ବିପ୍ଳବର ପ୍ରତୀକ। ପ୍ରକୃତ ସମୃଦ୍ଧି କେବଳ ଧନରେ ନୁହେଁ, ବରଂ ନ୍ୟାୟ, ସମାନତା, ପରିଶ୍ରମ, ସ୍ୱାଭିମାନ ଓ ସମ୍ମାନ ଉପରେ ନିର୍ଭର କରେ। ରାଜ୍ୟ ଓ ରାଜ୍ୟ ବାହାରୁ ଓଡ଼ିଶାକୁ ଆସି ଗବେଷଣା କରୁଥିବା ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ଲକ୍ଷ୍ମୀପୁରାଣ ପାଠ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହାସହ ଛାତ୍ରଛାତ୍ରୀଙ୍କ ପାଇଁ ପୁରାଣ ଉପରେ ଅଧିକରୁ ଅଧିକ ଗବେଷଣା କରିବା ପାଇଁ ଫେଲୋସିପ୍ ବ୍ୟବସ୍ଥା କରାଯିବ ବୋଲି ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଷ୍ଠା ➥ ୭

# ଡିସେମ୍ବରରେ ଆୟୋଜିତ ହେବ ୨୯ତମ 'ଗ୍ଲୋରୀ ଫେଷ୍ଟ-୨୦୨୬'



ପୁରୀ: ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ୨୯ତମ "ଗ୍ଲୋରୀ ଫେଷ୍ଟ- ୨୦୨୬" ଜାତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଯୁବ ସମନ୍ୱିତ କେନ୍ଦ୍ରର ଅଧ୍ୟକ୍ଷ ଆଚାର୍ଯ୍ୟ ହରେକୃଷ୍ଣ ଶତପଥୀ କହିଥିଲେ ଯେ, ଆସନ୍ତା ୨୬ରୁ ୨୯ ଡିସେମ୍ବର ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ 'ଗ୍ଲୋରୀ ଫେଷ୍ଟ- ୨୦୨୬' ଆୟୋଜିତ ହେବ।

ଏହି ଚାରିଦିନିଆ ଜାତୀୟ ସାଂସ୍କୃତିକ ମହୋତ୍ସବରେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇ ସାଂସ୍କୃତିକ ପ୍ରତିଭାର ପ୍ରଦର୍ଶନ କରିବେ। ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ଯେ, ୨୬ରୁ ୨୯ ଡିସେମ୍ବର ମଧ୍ୟରେ ପୁରୀ ଏକ ଭବ୍ୟ ଜାତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବର ସାକ୍ଷୀ ହେବ। ଏହି ଅବସରରେ 'ବିକଶିତ ଭାରତ ନିର୍ମାଣରେ ସଂସ୍କୃତ ଯୁବସମାଜ ର ଭୂମିକା' ଶୀର୍ଷକ ଏକ ଜାତୀୟ ସ୍ତରୀୟ ସେମିନାର ଆୟୋଜନ କରାଯିବ। ଏହି ସେମିନାର ଏବଂ ମହୋତ୍ସବର ଆୟୋଜନରେ ଚାରିଟି ବିଶ୍ୱବିଦ୍ୟାଳୟ ଯଥା— କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ; ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି; ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ ସହଯୋଗୀ ଭାବେ ଅଂଶଗ୍ରହଣ କରିବେ। ବୈଠକରେ ଚଳିତ ବର୍ଷ ପାଇଁ ବିଭିନ୍ନ କମିଟିର ଦାୟିତ୍ୱ ମଧ୍ୟ ନିର୍ଦ୍ଧାରିତ କରାଯାଇଥିଲା। ପୂର୍ବତନ ବିଧାୟକ ଶ୍ରୀ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କୁ ଆୟୋଜନ କମିଟିର ଅଧ୍ୟକ୍ଷ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କୁ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ ମହୋତ୍ସବ କମିଟିର ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି।

ଏହି ପ୍ରସ୍ତୁତି ବୈଠକରେ ପୂର୍ବତନ ବିଧାୟକ ଶ୍ରୀ ଜୟନ୍ତ କୁମାର ଷଡ଼ଙ୍ଗୀ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବର ସଫଳ ଆୟୋଜନ ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ।

ଏହି ବୈଠକରେ ରାଜେଶ କୁମାର ମହାନ୍ତି (କାର୍ଯ୍ୟକାରୀ ଅଧ୍ୟକ୍ଷ, ଏନ୍.ୱାଇ.ଆଇ.ସି., ପୁରୀ), ହରପ୍ରସାଦ ବିଶ୍ୱାଳ, ସଂଗ୍ରାମ କେଶରୀ କାନୁନଗୋ, ଯୁଗ୍ମ କାର୍ଯ୍ୟକାରୀ ଅଧ୍ୟକ୍ଷ, ରାକେଶ ସାମଲ ଦାମୋଦର ଶତପଥୀ(ଉପାଧ୍ୟକ୍ଷ), ବିଦ୍ରୋହ ସିଂହ (ସାଧାରଣ ସମ୍ପାଦକ), ସୌମ୍ୟ ରଞ୍ଜନ ମିଶ୍ର (ସାଙ୍ଗଠନିକ ସମ୍ପାଦକ), ସୌମିତ୍ର ହରିଚନ୍ଦନ (ମୁଖପାତ୍ର), ଦେବେନ୍ଦ୍ର ପ୍ରସାଦ ମହାପାତ୍ର (କୋଷାଧ୍ୟକ୍ଷ), ଜିତେନ୍ଦ୍ରନାଥ କର୍ଟିସ (ସାଂସ୍କୃତିକ ସମ୍ପାଦକ), ଅଜୟ ରଣସିଂହ, ଆଲୋକ ବିଶୋଇ, ପ୍ରଦୀପ ପରିଡ଼ା, ଶିବସୁନ୍ଦର ମିଶ୍ର, ଶ୍ୟାମ ପ୍ରକାଶ ସେନାପତି , ସମରେନ୍ଦୁ ମହାନ୍ତିଏବଂ ଭବାନୀ ଶଙ୍କର ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ଗ୍ଲୋରୀ ଫେଷ୍ଟ- ୨୦୨୬କୁ ଦେଶର ଏକ ଅଗ୍ରଣୀ ଯୁବ ଓ ସାଂସ୍କୃତିକ ମହୋତ୍ସବ ଭାବେ ଗଢ଼ି ତୋଳିବା ପାଇଁ ସଂକଳ୍ପ ବ୍ୟକ୍ତ କରିଥିଲେ।

ବକ୍ତାମାନେ ମତ ପ୍ରକାଶ କରିଥିଲେ ଯେ, "ଗ୍ଲୋରୀ ଫେଷ୍ଟ- ୨୦୨୬" ଦେଶର ଯୁବ ସମାଜ ମଧ୍ୟରେ ସାଂସ୍କୃତିକ ଏକତା, ଜାତୀୟ ସଂହତି, ସୃଜନଶୀଳତା ଓ ନେତୃତ୍ୱ ବିକାଶର ଏକ ଅନନ୍ୟ ମଞ୍ଚ ସୃଷ୍ଟି କରିବ ଏବଂ ଯୁବଶକ୍ତିକୁ "ବିକଶିତ ଭାରତ" ଗଠନର ଲକ୍ଷ୍ୟ ଦିଗରେ ପ୍ରେରିତ କରିବ।

## ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ ବୈଠକ

# ପୁରୀ ସହର ବାସୀଙ୍କ ଦର୍ଶନ ସୁବିଧା ପାଇଁ ବ୍ୟବସ୍ଥା କରାଯାଉଛି: ଆଇନ ମନ୍ତ୍ରୀ



ପୁରୀ: ମହାପ୍ରଭୁଙ୍କ ରଥଯାତ୍ରା ଅନନ୍ୟ ଓ ବିଶ୍ୱ ପ୍ରସିଦ୍ଧ। ମହାପ୍ରଭୁ ନିଜେ ହିଁ ସବୁ କରିଥାନ୍ତି। ଆମେ ନିମିତ୍ତ ମାତ୍ର। ତାଙ୍କ ଆଶୀର୍ବାଦ, ଆମ ସମସ୍ତଙ୍କ ସହଯୋଗ ଓ ସମନ୍ୱୟ ରେ ଚଳିତ ରଥଯାତ୍ରା ଖୁବ ଭଲରେ ହେବ ବୋଲି ପ୍ରାର୍ଥନା କରିଛନ୍ତି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଚଳିତ ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ ବୈଠକ ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଧ୍ୟକ୍ଷତା କରିବା ସହ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ରଥଯାତ୍ରା ଏକ ସାମୁହିକ କାର୍ଯ୍ୟ। ପାରସ୍ପରିକ ସହଯୋଗର ସହ ପ୍ରତ୍ୟେକ ବିଭାଗ ଉତ୍ତରଦାୟୀ ଏବଂ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଜୁଲାଇ ୫ ତାରିଖ ପରଠାରୁ ପୁରୀ ସହରରେ କୌଣସି ରାସ୍ତା ଘାଟ ଖୋଳିବାର ଅନୁମତି ଦିଆଯିବ ନାହିଁ। ପୁରୀ ସହରବାସୀଙ୍କ ଶ୍ରୀମନ୍ଦିର ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ଓକାକ ଏକ ପୁରୀର ଦୁଇଟି ପୋଷ୍ଟାଲ ପିନ ନମ୍ବରକୁ ସ୍ଥାନ କରି ପୁରୀ ଲୋକଙ୍କୁ ଚିହ୍ନଟ କରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଥିଲେ। ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟ ସେବା ପାଇଁ ଅତିରିକ୍ତ ୨୦୦ ବେଡର ବ୍ୟବସ୍ଥା କରିବା, ଆସନ୍ତା ବର୍ଷ ରଥଯାତ୍ରା ପୂର୍ବରୁ ସ୍ଥାୟୀ ବର୍ଣ୍ଣ ୟୁନିଟ ପ୍ରତିଷ୍ଠା କରାଯିବ ବଡଦାଣ୍ଡର ଉଭୟ ପାଶ୍ୱରେ ଅସ୍ଥାୟୀ ଚିକିତ୍ସା ବ୍ୟବସ୍ଥା କରାଯିବ ଯାହା ଫଳରେ ବାରମ୍ବାର ଆମ୍ବୁଲାନ୍ସ ଯିବା ଆସିବା ର ଆବଶ୍ୟକତା ରହିବ ନାହିଁ, ରଥଯାତ୍ରା ପୂର୍ବରୁ ଡାକ୍ତର ଓ ଫୁଡ ସେଫ୍ଟି ଅଫିସର ପୁରୀ ରେ କାର୍ଯ୍ୟ ଆରମ୍ଭ କରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ,ପଞ୍ଚାୟତରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ,କ୍ରିଡା ଓ ଯୁବ ସେବା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୂରଜ,ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ,ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର,ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର,ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଶ୍ରୀମନ୍ଦିର ନୀତି କାନ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ପରିଚାଳନା କମିଟି ସଦସ୍ୟ,ସେବାୟତ,ଅତିରିକ୍ତ ଡିଜି ଆଧୁନିକକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନ ସଚିବ ଡ ପବିତ୍ର ମୋହନ ସାମଲ, ପରିବହନ ଆୟୁକ୍ତ ଅମିତାଭ ଠାକୁର, ଏନଏଚଏମର ଏମଡି ଡି ବୃନ୍ଦା, କେନ୍ଦ୍ରାଞ୍ଚଳ ଆରଡିସି କେନ୍ଦ୍ରାଞ୍ଚଳ ଆରକ୍ଷୀ ମହା ନିର୍ଦ୍ଦେଶକ ସତ୍ୟଜିତ ନାୟକ, ଅଗ୍ନିଶମ ଆଇ ଜି ଉମା ଶଙ୍କର ମିଶ୍ର,ଏସ ପି ପ୍ରତୀକ ସିଂ,ଡିଏଫଓ ମଗର ଧନିଜ ରାଓସୋ,ଆରସିସିଏଫ ପି ଅର୍ଥନାରୀ, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା,ରେଲୱେ କମିଶନର କୌସ୍ତୁଭଦୀପ୍ତ ପାଣି, ଜଡିଆରଏମ ପି କେ ବେହେରା, ଦେବୋତ୍ତର କମିଶନର ସତ୍ୟ ସୁନ୍ଦର ଷଡ଼ଙ୍ଗୀ,ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ବୁଦ୍ଧିଜୀବୀ,ଗଣମାଧ୍ୟମ ପ୍ରତିନିଧି, ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।ରଥକାଠ ଯୋଗାଣ, ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସଂପାଦନ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ,ପାର୍କିଂ ସ୍ଥଳ,ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରେନ ଚଳାଚଳ ବ୍ୟବସ୍ଥା, ରଥଯାତ୍ରା ର ସିଧାସଳଖ ପ୍ରସାରଣ ବ୍ୟବସ୍ଥା,ଯାତ୍ରୀ ସୁବିଧା ପାଇଁ ଅସ୍ଥାୟୀ ସୂଚନା କେନ୍ଦ୍ର ବ୍ୟବସ୍ଥା,ଚଳିତ ବର୍ଷ ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କ ସୁବିଧା ପାଇଁ ଏଲଇଡି ଟିଭି ବ୍ୟବସ୍ଥା ସମ୍ବନ୍ଧ ରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# ଅତିରିକ୍ତ ଜିଲ୍ଲାପାଳଙ୍କୁ ଅବସର ସମ୍ବର୍ଦ୍ଧନା

ପୁରୀ: ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ରଙ୍କ ସରକାରୀ କାର୍ଯ୍ୟରୁ ସେବା ନିବୃତ୍ତ ଅବସରରେ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିବା ସହ ଡ ମହାପାତ୍ର ଜଣେ ଦକ୍ଷ, ନିଷ୍ଠାପର ଓ ମିଷ୍ଟଭାଷୀ ଅଧିକାରୀ ଥିଲେ ବୋଲି କହିଥିଲେ। ରାଜସ୍ୱ ପରି ଏକ ଗୁରୁତ୍ୱ ପୂର୍ଣ୍ଣ ବିଭାଗକୁ ସେ ସୁଚାରୁ ରୁପେ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଡ ମହାପାତ୍ର ଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ଅବସର ପରବର୍ତ୍ତୀ ଜୀବନ ସୁଖରେ ଅତିବାହିତ ହେଉ ବୋଲି କାମନା




ନିର୍ବାହ କରିଥିଲେ। ଜିଲ୍ଲା ପ୍ରଶାସନର ବିଭିନ୍ନ କାର୍ଯ୍ୟରେ ତାଙ୍କର ଅବଦାନ ସ୍ମରଣୀୟ ବୋଲି କହିବା ସହ ଅବସର ପରବର୍ତ୍ତୀ ଜୀବନ ମହାପ୍ରଭୁଙ୍କ ଆଶୀର୍ବାଦରୁ ସୁସ୍ଥ, ନୀରୋଗ ଓ ଆନନ୍ଦ ଦାୟକ ହେଉ ବୋଲି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ କରିଥିଲେ। ନିଜ ପ୍ରତିକ୍ରିୟାରେ ଅତିରିକ୍ତ ଜିଲ୍ଲାପାଳ ଡ ମହାପାତ୍ର ନିଜ ଦାୟିତ୍ୱ କୁ ସଠିକ ଭାବେ ନିର୍ବାହ ରେ ସମସ୍ତ ଙ୍କ ସହଯୋଗ ପାଇଁ ସେ ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଡେପୁଟି କଲେକ୍ଟର ବୃନ୍ଦ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ପୁରୀ ଜିଲା ପ୍ରଶାସନର ଏକ ଅଭିନବ ପ୍ରୟାସ

# 'ନିରୀକ୍ଷଣ' କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ



ପୁରୀ: ରାଜ୍ୟରେ ସ୍ୱାସ୍ଥ୍ୟ ସେବା ସହିତ ସମୁଦାୟ ସ୍ତରରେ ସ୍ୱାସ୍ଥ୍ୟ ସେବାକୁ ଅଧିକ ସଶକ୍ତ, ସହଜଲଭ୍ୟ ଓ ପ୍ରଯୁକ୍ତିନିର୍ଭର କରିବା ଦିଗରେ ଓଡ଼ିଶା ସରକାର ଆଉ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି। ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ନିକଟରେ ଉନ୍ନତ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଲକ୍ଷ୍ୟରେ ଆଶା 'ନିରୀକ୍ଷଣ' କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡା. ମୁକେଶ କୁମାର ମହାଲିଙ୍ଗଙ୍କ କରକମଳରେ ସମ୍ପନ୍ନ ହୋଇଥିଲା।

ଏହା ସହିତ ରାଜ୍ୟରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା ସହିତ ସମୁଦାୟ ସ୍ତରରେ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ 'ନିରୀକ୍ଷଣ' କାର୍ଯ୍ୟକ୍ରମ ମାଧ୍ୟମରେ ଗର୍ଭବତୀଙ୍କ ମା ମାନଙ୍କ ବିପଦସଂଙ୍କୁଳ ଅବସ୍ଥାକୁ ଶୀଘ୍ର ଚିହ୍ନଟକରଣ , ସମୟୋପଯୋଗୀ ଅନୁସରଣ ବ୍ୟବସ୍ଥା ସେବା ପ୍ରଦାନରେ ଡିଜିଟାଲ୍ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ। ଏହି କାର୍ଯ୍ୟକ୍ରମ ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାକୁ ସୁନିଶ୍ଚିତ କରିବା ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

ଏହି ଉଦ୍‌ଘାଟନୀ ସମାରୋହରେ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ,ଡା. ଡି ବୃନ୍ଦା ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା, ଡ. ମହେଶ ମୋହନ ପଣ୍ଡା ନିର୍ଦ୍ଦେଶକ ସ୍ୱାସ୍ଥ୍ୟ ସେବା, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ଶ୍ୟାମ ସୁନ୍ଦର ତ୍ରିପାଠୀ, ଜିଲ୍ଲା ହିସାବ ପରିଚାଳକ ,ଡ. କାଳିପ୍ରସାଦ ମିଶ୍ର, ଡ. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ,ଡେପୁଟି ମ୍ୟାନେଜର (ଆର୍.ସି.ଏଚ୍.), ସହକାରୀ ମ୍ୟାନେଜର (ସି.ପି.), ବିଜୟଲକ୍ଷ୍ମୀ ସାହୁ , ଶୁଭଶ୍ରୀ ସାହୁ ଅତିଥି ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୋଭାବର୍ଦ୍ଧନ କରିଥିଲେ।ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅଧିକାରୀ, ଆଶା କର୍ମୀ ଏବଂ ସ୍ୱାସ୍ଥ୍ୟ କର୍ମଚାରୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମ ରେ ଆଶାକର୍ମୀ ମନୋରମ ଦାଶ, ମାଟିସାହି ମୁର୍ଦ୍ଦାନିପୁର ତାଙ୍କର ଉତ୍ତମ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ସମ୍ବୋଧିତ କରିଥିଲେ। 'ନିରୀକ୍ଷଣ' କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ 'ସୁସ୍ଥ ଓଡ଼ିଶା, ସଶକ୍ତ ଓଡ଼ିଶା' ଲକ୍ଷ୍ୟ ପୂରଣ ଦିଗରେ ଏକ ଅଭିନବ ଓ ଦୂରଦର୍ଶୀ ପଦକ୍ଷେପ। ଏହା ଆଶା କର୍ମୀମାନଙ୍କୁ ଅଧିକ ସଶକ୍ତ କରିବା ସହିତ ସ୍ୱାସ୍ଥ୍ୟ ସେବାକୁ ଜନସାଧାରଣଙ୍କ ଦ୍ୱାରପ୍ରାନ୍ତରେ ପହଞ୍ଚାଇବାରେ ଏକ ନୂତନ ଅଧ୍ୟାୟର ସୂଚନା ଦେବ।

# ପୋଲିସ ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ

ପୁରୀ: ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ରେ ଜନଗହଳିକୁ ନିୟନ୍ତ୍ରଣ କରିବା ସବୁଠାରୁ ବଡ ଆହ୍ୱାନ। ତେବେ ମହାପ୍ରଭୁଙ୍କ ପ୍ରତି ସମର୍ପିତ ହୋଇ, ତାଙ୍କ ଆଶୀର୍ବାଦ ନେଇ, ପାରସ୍ପରିକ ସମନ୍ୱୟ ମାଧ୍ୟମରେ ଏହା ଆମେ ଭଲରେ ନିୟନ୍ତ୍ରଣ କରିପାରିବା ବୋଲି କହିଛନ୍ତି କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ। ସଂସ୍କୃତି ଭବନ ଠାରେ ଆଗାମୀ ରଥଯାତ୍ରା ଓ ସ୍ନାନଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ପୋଲିସ ମାଜିଷ୍ଟ୍ରେଟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ ଦେଇ ସମସ୍ତ ଅଧିକାରୀ, କର୍ମଚାରୀ ରଥଯାତ୍ରା, ସ୍ନାନଯାତ୍ରା ପାଇଁ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ମହାପ୍ରଭୁଙ୍କ ପ୍ରତି ସେବା। ତେଣୁ ମହାପ୍ରଭୁଙ୍କ ଦର୍ଶନ ଓ ଆଶୀର୍ବାଦ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ଉଚିତ ବ୍ୟବହାର ପ୍ରଦର୍ଶନ, ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା, ଭିଡ ନିୟନ୍ତ୍ରଣ ଇତ୍ୟାଦି କୁ ସୁଚାରୁ ରୁପେ ସମ୍ପର୍ଣ୍ଣ ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଚଳିତ ରଥଯାତ୍ରା ଓ ସ୍ନାନଯାତ୍ରା ରେ ପୂର୍ବାପେକ୍ଷା ଅଧିକ ଶ୍ରଦ୍ଧାଳୁଙ୍କ ଆକଳନ କରାଯାଉଥିବାରୁ ଏହାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ଉଭୟ ପୋଲିସ ଓ ପ୍ରଶାସନ ପାଇଁ ଗୁରୁ ଦାୟିତ୍ୱ ବୋଲି କହିଥିଲେ। ଏହାକୁ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କରିବା ସହ ଲୋକ ମାନଙ୍କୁ ସୁବିଧା ଓ ସମସ୍ତ ପ୍ରକାର ସହଯୋଗ ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ।ଏସପି ପ୍ରତୀକ ସିଂ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ମାନେ ନିଜର ଦାୟିତ୍ୱକୁ ସଠିକ ଭାବେ ବୁଝି ନିଷ୍ଠାର ସହ ନିର୍ଦ୍ଧାରିତ ସ୍ଥାନମାନଙ୍କରେ କାର୍ଯ୍ୟ କରିବାକୁ ମତ ଦେଇଥିଲେ। ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା ରଥଯାତ୍ରା ଓ ସ୍ନାନଯାତ୍ରା ସମୟରେ ମହାନଗର ନିଗମ ପକ୍ଷରୁ ପରିଷ୍କାର ପରିଚ୍ଛନ୍ନତା,ଶୌଚାଳୟ ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ବର୍ଷା ହେଲେ ଜଳ ନିଷ୍କାସନ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ସୂଚନା ଦେଇଥିଲେ।ଏହି ସମନ୍ୱୟ ବୈଠକରେ ବରିଷ୍ଠ ପ୍ରଶାସନିକ ଓ ପୋଲିସ ଅଧିକାରୀ,ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ରଥଯାତ୍ରା ପାଇଁ ପ୍ରଥମ ମକ ଡ୍ରିଲ




ପୁରୀ: ଆଗାମୀ ରଥଯାତ୍ରାକୁ ଶୃଙ୍ଖଳିତ ତଥା ସୁରକ୍ଷିତ ଭାବେ ସମ୍ପର୍ଣ୍ଣ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସୁସମନ୍ୱୟର ପ୍ରଥମ ମକ ଡ୍ରିଲ ଟାଉନ ଥାନା ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଚଳିତ ରଥଯାତ୍ରାରେ ଅଧିକ ଶ୍ରଦ୍ଧାଳୁଙ୍କ ଯୋଗ ଦାନ ଆଶା କରାଯାଉଛି। ତେଣୁ ଆମକୁ ଯାତ୍ରୀଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ପରସ୍ପର ମଧ୍ୟରେ ସୁସମନ୍ୱୟ ଓ ସହଯୋଗ ଦ୍ୱାରା ଆମେ ପ୍ରତ୍ୟେକ ପରିସ୍ଥିତି କୁ ସଫଳ ଭାବେ ମୁକାବିଲା କରିପାରିବା। ପୋଲିସ, ଏନଡିଆରଏଫ, ଓଡ୍ରାଫ,ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ, ବେସାମରିକ ପ୍ରତିରକ୍ଷା ବାହିନୀ ପ୍ରଭୃତି ଙ୍କ ସହଯୋଗ ରଥଯାତ୍ରା ରେ ଆମ ସେବା କାର୍ଯ୍ୟ କୁ ଅଧିକ କ୍ରିୟାଶୀଳ କରିବ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା କହିଥିଲେ। ମକଡ୍ରିଲ ମାଧ୍ୟମରେ କୌଣସି ପରିସ୍ଥିତି ପାଇଁ ଆମେ ଆମର ପ୍ରସ୍ତୁତି ରେ କେତେ ସକ୍ଷମ ଓ ଦକ୍ଷ ଜାଣି ପାରିବା କେଉଁଠାରେ ସମସ୍ୟା ରହୁଛି ବା ତାହାକୁ କିପରି ଆହୁରି ଭଲ ଭାବେ କମ ସମୟ ମଧ୍ୟରେ କରି ପାରିବା ତାହା ମଧ୍ୟ ଆମକୁ ଶିକ୍ଷା ମିଳିବ। ଜୁଲାଇ ୧୦ ତାରିଖରେ ଆହୁରି ଥରେ ଏହାର ପୂର୍ବାଭାସ କରିବା ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ।ଏସ୍ ପି ପ୍ରତୀକ ସିଂ କୌଣସି ଘଟଣା ଘଟିଲେ କେତେ କମ ସମୟରେ, କେତେ ସଠିକ ଭାବେ ଆମେ କାର୍ଯ୍ୟ ନିର୍ବାହ କରୁଛନ୍ତି ତାହା ଆମକୁ ଏହି ମକ ଡ୍ରିଲ ରୁ ଶିଖିବାକୁ ମିଳୁଛି।ଏହା ଦ୍ୱାରା ଆମେ ସଶକ୍ତ ହେବା ସହ କାର୍ଯ୍ୟକୁ ଖୁବ୍ ଭଲ ଭାବରେ ପରିଚାଳନା କରିବାର ଅଭିଜ୍ଞତା ହାସଲ କରିବା ବୋଲି ଶ୍ରୀ ସିଂ କହିଥିଲେ। ଓସଡାମାର ଡି ଜି ଏମ ସୁନୀଲ କୁମାର ସାହୁ ମକ ଡ୍ରିଲ ର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିବା ସହ ମକ ଡ୍ରିଲ ପରିଚାଳନା କରିଥିଲେଏହି ଅବସରରେ ରଥଯାତ୍ରା ର ଏସଓପି ପୁସ୍ତିକା ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ।ଶେଷରେ ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଅକ୍ଷୟ କୁମାର ଶତପଥୀ,ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଜଗନ୍ନାଥ ମନ୍ଦିର ସୁରକ୍ଷା ଅଧିକାରୀ ହେମନ୍ତ କୁମାର ପାଢୀ, ଅତିରିକ୍ତ ଏସପି ସୌମ୍ୟ ରଞ୍ଜନ ମଲ୍ଲିକ, ସଚିନ ପାଟିଲ, ସୁଶୀଲ କୁମାର ମିଶ୍ର,ଶ୍ରୀ ଦେବୀ ପ୍ରସାଦ ପ୍ରତାପ, ଏନଡିଆରଏଫ ଡେପୁଟି କମାଣ୍ଡାଣ୍ଟ ପ୍ରବୀଣ ଚୌହାନ ବିଭିନ୍ନ ବିଭାଗର ଅଧିକାରୀ, ପୋଲିସ ଅଧିକାରୀ, ସ୍ୱଚ୍ଛାସେବୀ ମାନେ ଏହି ମକଡ୍ରିଲ ରେ ଯୋଗ ଦେଇଥିଲେ। ପରେ ଏନ ଡି ଆର ଏଫ,ଓଡ୍ରାଫ, ଅଗ୍ନିଶମ, ମେଡିକାଲ, ପୋଲିସ, ପରିବହନ ଆମ୍ବୁଲାନ୍ସ ,ପୌର ପ୍ରଶାସନ,ସୂଚନା ଇତ୍ୟାଦି ବିଭାଗର ସମ୍ମିଳିତ ମକଡ୍ରିଲ ର କାର୍ଯ୍ୟ କୁ ଇଣ୍ଟିଗ୍ରେଟେଡ୍ ନିୟନ୍ତ୍ରଣ କକ୍ଷ ମାଧ୍ୟମରେ ପରିଚାଳନା କରାଯାଇଥିଲା।ରଥଯାତ୍ରା ସମୟରେ କୌଣସି ଘଟଣା ଦୁର୍ଘଟଣା ଘଟିଲେ କିପରି ତାହାର ସଫଳ ମୁକାବିଲା ତ୍ୱରାନ୍ୱିତ ଭାବରେ କରାଯାଇ ପାରିବ ତାହାର କୌଶଳ ପ୍ରଦର୍ଶନ କରାଯାଇ ସଚେତନ କରାଯାଇଥିଲା।

# ପୁରୀ ଆଇଟିଆଇ ଉତ୍କର୍ଷ ଆଇଟିଆଇ ହେବ: ମନ୍ତ୍ରୀ ସମ୍ପଦ ସ୍ୱାଇଁ

ପୁରୀ: ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ମିଳିତ ଆନୁକୁଲ୍ୟରେ ପୁରୀ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶର ଧାରା ଓଡ଼ିଶା ସାରା ଅଭିମୁଖ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ତଥା ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେ ସରକାରଙ୍କ ଦୁଇ ବର୍ଷର ସଫଳତା, ଜିଲ୍ଲାରେ ଚାଲୁ ରହିଥିବା ବିଭିନ୍ନ ବିକାଶମୁଖୀ କାର୍ଯ୍ୟକ୍ରମ ଏବଂ ଅଗ୍ରଣୀ ଯୋଜନା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିବା ସହ ସରକାର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସେ ପ୍ରକାଶ କରିଥିଲେ। ଆମ ସରକାର ଲୋକ ଙ୍କ ସରକାର।ଗତ ଦୁଇ ବର୍ଷ ମଧ୍ୟରେ ୧୪୬୫୧ ଅଭିଯୋଗ ଗ୍ରହଣ ହୋଇଥିବା ବେଳେ ଶତକଡା ୯୫ ହାରରେ ୧୩୮୯୭ ଟି ର ସମାଧାନ ହୋଇଛି।୮୬ ଜଣ ହିତାଧିକାରୀଙ୍କୁ ୭୩ଲକ୍ଷ ୮୦ ହଜାର ଟଙ୍କାର ସହାୟତା ଦିଆଯାଇଛି। ପୁରୀ ଜିଲ୍ଲା ରେ ଖାଦ୍ୟ ସୁରକ୍ଷା ଯୋଜନା ରେ ଜାତୀୟ ଓ ରାଜ୍ୟ ର ମୋଟ ୧୨୮୭୭୬୭ ଜଣ ହିତାଧିକାରୀ ଙ୍କୁ ମଇ ଓ ଜୁନ ମାସ ଠାରୁ ମୁଣ୍ଡ ପିଛା ୫ କେଜି ପରିବର୍ତ୍ତେ ୧୦ କେଜି ଲେଖାଏଁ ଚାଉଳ ଦିଆଯାଉଛି।ସୁଭଦ୍ରା ଯୋଜନା ରେ ଜିଲ୍ଲାର ୪୨୦୦୦୩ ଜଣ ହିତାଧିକାରୀ ଙ୍କୁ ୮୫୩ କୋଟି ୫୮ ଲକ୍ଷ ଟଙ୍କା ପ୍ରଦାନ



କରାଯାଇଛି।ଜିଲ୍ଲାର ୧୭୬୧୩ ଜଣ ଲକ୍ଷ ପତି ଦିଦି ସୃଷ୍ଟି ହୋଇ ପାରିଛନ୍ତି। ଜିଲ୍ଲାରେ ୭୧୭୬୭୨ ଜଣ ଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଡ ପ୍ରଦାନ କରାଯାଇଥିବା ୱେଳେ ପ୍ରାୟ ୫୮ ହଜାର ବ୍ୟକ୍ତି ଉପକୃତ ହୋଇଛନ୍ତି।ଚିକିତ୍ସା ସୁବିଧା ବାବଦରେ ଖର୍ଚ୍ଚ ହୋଇଛି ୩୦୩,୭୩,୯୦,୭୯୨ ଟଙ୍କା।ବୟୋ ବନ୍ଦନା ଯୋଜନା ରେ ୩୮୭୭୦କାର୍ଡ ବଣ୍ଟନ କରାଯାଇଛି।ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ରେ ୩୧ ଟି ଗ୍ରାମକୁ ୪୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି ବୋଲି କହିବା ସହ ପୁରୀ ଆଇଟିଆଇ କୁ ଉତ୍କର୍ଷ ଆଇଟିଆଇରେ ପରିଣତ କରାଯିବ ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ସରକାରଙ୍କ ଦୁଇ ବର୍ଷ ର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।

ଏଥିରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ନେହା ଅରୁଗୁଳା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।କାର୍ଯ୍ୟକ୍ରମ କୁ ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପରିଚାଳନା କରିଥିଲେ।ଏହି ଅବସରରେ ବିଭିନ୍ନ ବିଭାଗର ହିତାଧିକାରୀ ମାନଙ୍କୁ ସହାୟତା ପ୍ରଦାନ କରାଯାଇଥିଲା।ବିଭିନ୍ନ ଯୋଜନା ର ସଫଳତା ପାଇଥିବା ବ୍ୟକ୍ତି ମାନେ ସେମାନଙ୍କ ଅଭିଜ୍ଞତା ପ୍ରଦାନ ସହ ସରକାରଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।ପରେ ମନ୍ତ୍ରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ନିର୍ମାଣାଧୀନ କୋଠା ପରିଦର୍ଶନ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାର ବିଶିଷ୍ଟ ବ୍ୟକ୍ତି, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ବିଭିନ୍ନ ବିଭାଗର ସରକାରୀ ଅଧିକାରୀ, ଜନପ୍ରତିନିଧି ଏବଂ ଜିଲ୍ଲାର ମାନ୍ୟଗଣ୍ୟ ବ୍ୟକ୍ତିମାନେ ସାମିଲ ହୋଇ ଥିଲେ।

ଏହି ଅବସରରେ ପ୍ରାରମ୍ଭରେ ନୀଳାଚଳ ଅର୍ବାନ ହାଟ ଠାରେ ବିଭିନ୍ନ ବିଭାଗ ପକ୍ଷରୁ ଆୟୋଜିତ ୩ ଦିନିଆ ବିକାଶ ମେଳା ପ୍ରଦର୍ଶନୀକୁ ମନ୍ତ୍ରୀ ଉଦଘାଟନ କରି ସମସ୍ତ ଷ୍ଟଲ ପରିଦର୍ଶନ କରିଥିଲେ।

# ଆଜି ବି ମଣିଷ ପଣିଆ ବଞ୍ଚିଛି



ପୁରୀ: ଜଣେ ପର୍ଯ୍ୟଟକ ଭୁବନେଶ୍ୱରରୁ ପୁରୀ ଆସୁଥିବା ସମୟରେ ପୁରୀ ମେଡିକାଲ ଛକ ନିକଟରେ ଅସାବଧାନତାବଶତଃ ନିଜର ଲଗେଜ ଗାଡ଼ିରେ ଛାଡ଼ି ଚାଲିଯାଇଥିଲେ। ପରେ ସେହି ଲଗେଜଟି ଶ୍ରୀ ସନ୍ତୋଷ କୁମାର ମିଶ୍ରଙ୍କ ଗାଡ଼ିରେ ଥିବା ଦୃଷ୍ଟିଗୋଚର ହୋଇଥିଲା। ମାନବିକତା ପରିଚୟ ଦେଇ ଶ୍ରୀ ମିଶ୍ର ଉକ୍ତ ଲଗେଜକୁ ସୁରକ୍ଷିତ ଭାବେ ରଖି କୁମ୍ଭାରପଡା ଥାନାର ସହଯୋଗରେ ପ୍ରକୃତ ମାଲିକଙ୍କୁ ଫେରାଇ ଦେଇଥିଲେ। ଉକ୍ତ ଲଗେଜରେ ପ୍ରାୟ ୫୦ ଗ୍ରାମ ସୁନାର ଅଳଙ୍କାର, ଯଥା ୨ଟି ହାର, ୧ଟି ମଙ୍ଗଳସୂତ୍ର, ୧ଟି ଆଙ୍ଗୁଠି, ୧ ଯୋଡ଼ା କାନଫୁଲ ସହ ନଗଦ ୧,୩୦,୦୦୦/- ରହିଥିଲା। ଏହି ସତତାପୂର୍ଣ୍ଣ ଓ ପ୍ରଶଂସନୀୟ କାର୍ଯ୍ୟ ପାଇଁ ଏସ୍‌ପି ପୁରୀ ଶ୍ରୀ ପ୍ରତୀକ ସିଂହ ଶ୍ରୀ ସନ୍ତୋଷ କୁମାର ମିଶ୍ରଙ୍କୁ ସମ୍ମାନିତ କରିଥିଲେ ଏବଂ ତାଙ୍କର ମାନବିକତା, ସତତା ଓ ଦାୟିତ୍ୱବୋଧକୁ ଉଚ୍ଚ ପ୍ରଶଂସା କରିଥିଲେ।

# ସ୍ନାନବେଦୀରେ ହାତୀବେଶରେ ଦର୍ଶନ ଦେଲେ ମହାପ୍ରଭୁ

## ୧୦୮ ଗରା ସୁବାସିତ ଜଳରେ ମହାସ୍ନାନ ; ଦୁର୍ଲଭ ଗଜବେଶ ଦର୍ଶନରେ କୃତାର୍ଥ ଲକ୍ଷାଧିକ ଭକ୍ତ





ପୁରୀ: ଶ୍ରୀକ୍ଷେତ୍ରର ବିଶ୍ୱପ୍ରସିଦ୍ଧ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ରତ୍ନବେଦୀ ଛାଡ଼ି ସ୍ନାନବେଦୀକୁ ବିଜେ କରିଥିଲେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ। ସୁନାକୂଅରୁ ଆଣାଯାଇଥିବା ୧୦୮ ଗରା ସୁବାସିତ ପବିତ୍ର ଜଳରେ ଚତୁର୍ଦ୍ଧା ବିଗ୍ରହଙ୍କ ମହାସ୍ନାନ ସମ୍ପନ୍ନ ହୋଇଥିଲା। ପରେ ମହାପ୍ରଭୁଙ୍କ ଦୁର୍ଲଭ ହାତୀବେଶ (ଗଜବେଶ) ଦର୍ଶନ କରିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମରେ ବଡ଼ଦାଣ୍ଡ ଜନସମୁଦ୍ରରେ ପରିଣତ ହୋଇଥିଲା।

ସୋମବାର ଭୋର ୫ଟାରୁ ପହଣ୍ଡି ନୀତି ଆରମ୍ଭ ହୋଇ ସକାଳ ପ୍ରାୟ ୭ଟା ୨୫ ମିନିଟ୍‌ରେ ସମାପ୍ତ ହୋଇଥିଲା। ଧାଡ଼ି ପହଣ୍ଡିରେ ଚତୁର୍ଦ୍ଧା ବିଗ୍ରହ ସ୍ନାନବେଦୀରେ ବିରାଜମାନ କରିବା ପରେ ନିର୍ଦ୍ଧାରିତ ନୀତି ଅନୁଯାୟୀ ଜଳବିଜେ, ପୂଜା ଓ ମହାସ୍ନାନ ଅନୁଷ୍ଠିତ ହୋଇଥିଲା। ସ୍ନାନ ପୂର୍ବରୁ ପ୍ରତିହାରୀ ସେବକମାନେ ଟେରା ବାନ୍ଧି ସ୍ନାନମଣ୍ଡପର ଶୋଧ କରିଥିଲେ।

ପାରମ୍ପରିକ ରୀତିନୀତି ଅନୁଯାୟୀ ଗଜପତି ମହାରାଜ ଦିବ୍ୟସିଂହ ଦେବ ସ୍ନାନବେଦୀରେ ଛେରାପହଁରା ଓ ରାଜନୀତି ସମ୍ପନ୍ନ କରିଥିଲେ। ଏହାପରେ ମହାପ୍ରଭୁଙ୍କ ଦୁର୍ଲଭ ହାତୀବେଶ ଅନୁଷ୍ଠିତ ହୋଇଥିଲା। ଭକ୍ତ ଯୋଗୀ ଗଣପତି ଭଟ୍ଟଙ୍କ ଭକ୍ତିର ସ୍ମୃତିରେ ପ୍ରଚଳିତ ଏହି ଗଜବେଶରେ ମହାପ୍ରଭୁଙ୍କ ଦର୍ଶନ ପାଇ ଭକ୍ତମାନେ ନିଜକୁ ଧନ୍ୟ ମନେ କରିଥିଲେ। ଅନେକ ଭକ୍ତଙ୍କ ଆଖିରେ ଆନନ୍ଦାଶ୍ରୁ ଝଲମଲ କରୁଥିଲା।

ରାଘବଦାସ ମଠ ଓ ଗୋପାଳତୀର୍ଥ ମଠ ପକ୍ଷରୁ ହାତୀବେଶ ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ପରମ୍ପରା ଅନୁଯାୟୀ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କୁ ଗଜବେଶରେ ସୁସଜ୍ଜିତ କରାଯାଇଥିବାବେଳେ ଦେବୀ ସୁଭଦ୍ରାଙ୍କୁ ବିଭିନ୍ନ ଅଳଙ୍କାରରେ ଏବଂ ଶ୍ରୀସୁଦର୍ଶନଙ୍କୁ ନୀଳଚକ୍ର ଓ ଛତି ଆଦିରେ ଭୂଷିତ କରାଯାଇଥିଲା।

ଚତୁର୍ଦ୍ଧା ବିଗ୍ରହଙ୍କ ସ୍ନାନାର୍ଥେ ସୁନାକୂଅରୁ ଆଣାଯାଇଥିବା ୧୦୮ ଗରା ପବିତ୍ର ଜଳକୁ ଚନ୍ଦନ, ଚୁଆ ଓ ବିଭିନ୍ନ ସୁଗନ୍ଧ ଦ୍ରବ୍ୟରେ ଅଧିବାସ କରାଯାଇଥିଲା। ପୂଜାପଣ୍ଡା ସେବକମାନେ ରୁପା ପିଙ୍ଗଣରେ ଏହି ଜଳ ଦ୍ୱାରା ଶ୍ରୀବିଗ୍ରହମାନଙ୍କୁ ସ୍ନାନ କରାଇଥିଲେ। ସ୍ନାନଜଳ ପ୍ରସାଦ ପାଇବା ପାଇଁ ଭକ୍ତମାନଙ୍କ ମଧ୍ୟରେ ଅପାର ଉତ୍ସାହ ପରିଲକ୍ଷିତ ହୋଇଥିଲା।

ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ଅଭୂତପୂର୍ବ ସମାଗମ ଦେଖିବାକୁ ମିଳିଥିଲା। ବଡ଼ଦାଣ୍ଡ ସମେତ ସମଗ୍ର ପୁରୀ ଆଧ୍ୟାତ୍ମିକ ପରିବେଶରେ ମୁଖରିତ ହୋଇଉଠିଥିଲା। ମହାପ୍ରଭୁଙ୍କ ଜୟଧ୍ୱନି, ହରିବୋଲ ଓ ସଂକୀର୍ତ୍ତନରେ ପ୍ରକମ୍ପିତ ହେଉଥିଲା ଶ୍ରୀକ୍ଷେତ୍ର। ଅସହ୍ୟ ଖରାକୁ ଖାତିର ନ କରି ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଭକ୍ତମାନେ ହାତୀବେଶରେ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ କରି ଆତ୍ମବିଭୋର ହୋଇଥିଲେ।

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମଧ୍ୟ ସ୍ନାନବେଦୀରେ ପହଞ୍ଚି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟାରେ ସାହାଣମେଳା ଦର୍ଶନ ସମୟରେ ଭକ୍ତଙ୍କ ସମାଗମ ଆହୁରି ବୃଦ୍ଧି ପାଇଥିଲା।

ଦେବସ୍ନାନ ପୂର୍ଣ୍ଣିମା କେବଳ ଏକ ପାରମ୍ପରିକ ଉତ୍ସବ ନୁହେଁ, ବରଂ ମହାପ୍ରଭୁ ଓ ଭକ୍ତଙ୍କ ମଧ୍ୟରେ ଅନନ୍ୟ ଭକ୍ତି, ପ୍ରେମ ଓ ଆଧ୍ୟାତ୍ମିକ ସମ୍ପର୍କର ଏକ ଅପୂର୍ବ ମିଳନ। ସ୍ନାନବେଦୀରେ ମହାପ୍ରଭୁଙ୍କ ଦୁର୍ଲଭ ହାତୀବେଶ ଦର୍ଶନ କରି ଲକ୍ଷ ଲକ୍ଷ ଭକ୍ତ ନିଜ ଜୀବନକୁ ଧନ୍ୟ ମନେ କରିଥିଲେ।




# ପରମ୍ପରାର ସୁରକ୍ଷା ହିଁ ପୂଜାପଣ୍ଡା ନିଯୋଗର ପ୍ରଥମ କର୍ତ୍ତବ୍ୟ



ସା । କ୍ଷା । ତ୍ । କା । ର

**ଶ୍ରୀ ମନ୍ଦିର ରେ ମହାପ୍ରଭୁ ଙ୍କ ବିଭିନ୍ନ ସେବା ମଧ୍ୟରୁ ପୂଜାପଣ୍ଡା ସେବା ଅନ୍ୟତମ । ଏହି ନିଯୋଗ ର ସଭାପତି ତଥା ଶ୍ରୀ ମନ୍ଦିର ପରିଚାଳନା କମିଟିର ଅନ୍ୟତମ ସଦସ୍ୟ ଶ୍ରୀ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ ଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର କରିଥିଲେ – ସମ୍ପାଦକ ରାଜେଶ କୁମାର ମହାନ୍ତି**

**ପ୍ରଶ୍ନ ; ଶ୍ରୀଜଗନ୍ନାଥ ମନ୍ଦିରର ପୂଜାପଣ୍ଡା ନିଯୋଗର ସଭାପତି ଭାବେ ଆପଣଙ୍କର ପ୍ରମୁଖ ଦାୟିତ୍ୱ କ'ଣ ଏବଂ ଏହାକୁ କିପରି ପରିଚାଳନା କରୁଛନ୍ତି ?**

ଉତ୍ତର: ଆମର ପ୍ରମୁଖ ଦାୟିତ୍ୱ ହେଉଛି ପ୍ରତିଦିନ ଶ୍ରୀମନ୍ଦିରର ନୀତିକାନ୍ତି ସୁଚାରୁ ରୂପେ ସମ୍ପନ୍ନ ହେଉଥିବାର ତଦାରଖ କରିବା। ଏହା ସହ ପୂଜାପଣ୍ଡା ନିଯୋଗ ଓ ମନ୍ଦିର ପ୍ରଶାସନ ମଧ୍ୟରେ ସମନ୍ୱୟ ରକ୍ଷା କରି ସମସ୍ତ ସେବା ଶାସ୍ତ୍ରସମ୍ମତ ଭାବେ ସମ୍ପାଦନ ହେଉଥିବାକୁ ସୁନିଶ୍ଚିତ କରୁଛୁ।

**ପ୍ରଶ୍ନ ;ଆଜିର ସମୟରେ ଶ୍ରୀମନ୍ଦିରର ପରମ୍ପରା, ନୀତିକାନ୍ତି ଓ ସେବା ପ୍ରଣାଳୀକୁ ସୁରକ୍ଷିତ ରଖିବାରେ କେଉଁସବୁ ଚ୍ୟାଲେଞ୍ଜ ରହିଛି ?**

ଉତ୍ତର: ଶାସ୍ତ୍ର ଓ ପରମ୍ପରା ଅନୁଯାୟୀ ସମସ୍ତ ସେବାକୁ ନିର୍ଦ୍ଧାରିତ ସମୟ ଏବଂ ନିୟମ ମଧ୍ୟରେ ସଠିକ୍ ଭାବେ ସମ୍ପାଦନ କରିବା ହିଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ପରମ୍ପରାର ଅକ୍ଷୁଣ୍ଣତା ବଜାୟ ରଖିବା ଆମ ସମସ୍ତଙ୍କର ପ୍ରାଥମିକ ଦାୟିତ୍ୱ।

**ପ୍ରଶ୍ନ ;ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ନୂତନ ପିଢ଼ି ମଧ୍ୟରେ ଅଧିକ ଲୋକପ୍ରିୟ କରିବା ପାଇଁ ଆପଣଙ୍କ ମତରେ କ'ଣ କରାଯିବା ଆବଶ୍ୟକ ?**

ଉତ୍ତର: ନୂତନ ପିଢ଼ିକୁ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଯୋଡ଼ିବା ପାଇଁ ସେବାୟତମାନଙ୍କୁ ପ୍ରଶିକ୍ଷଣ, ଗୁରୁକୁଳ ପରମ୍ପରାର ବିକାଶ ଏବଂ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରଚାର-ପ୍ରସାର ଅତ୍ୟନ୍ତ ଆବଶ୍ୟକ।

**ପ୍ରଶ୍ନ ;ରଥଯାତ୍ରା ସମୟରେ ପୂଜାପଣ୍ଡା ନିଯୋଗର ଭୂମିକା କ'ଣ ଏବଂ ସଫଳ ଆୟୋଜନ ପାଇଁ କେଉଁସବୁ ପ୍ରସ୍ତୁତି କରାଯାଏ ?**

ଉତ୍ତର: ରଥଯାତ୍ରା ସମୟରେ ରାଜେନ୍ଦ୍ରଅଭିଷେକ ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ବିଭିନ୍ନ ମୁଖ୍ୟ ନୀତିରେ ପୂଜାପଣ୍ଡା ନିଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହେ। ଏହି ସମୟରେ ସମସ୍ତ ନିଯୋଗ, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ନୀତିକାନ୍ତିକୁ ସୁଚାରୁ ଭାବେ ସମ୍ପନ୍ନ କରାଯାଏ।

**ପ୍ରଶ୍ନ ;ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଭାବେ ଭକ୍ତମାନଙ୍କ ସୁବିଧା ଓ ଦର୍ଶନ ବ୍ୟବସ୍ଥାର ଉନ୍ନତି ପାଇଁ ଆପଣଙ୍କ ପ୍ରାଥମିକତା କ'ଣ ?**

ଉତ୍ତର: ଭକ୍ତମାନେ ଯେପରି ସୁରକ୍ଷିତ ଓ ଶୃଙ୍ଖଳିତ ପରିବେଶରେ ଦର୍ଶନ କରିପାରିବେ, ସେଥିପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଏ। ସେହି ସହିତ ନୀତିକାନ୍ତିକୁ ନିର୍ଦ୍ଧାରିତ ସମୟ ଓ ନିୟମ ଅନୁଯାୟୀ ସୁଚାରୁ ଭାବେ ସମ୍ପାଦନ କରାଇବା ଆମର ପ୍ରାଥମିକତା।

**ପ୍ରଶ୍ନ ; ଶ୍ରୀମନ୍ଦିରର ବିଭିନ୍ନ ସେବାୟତ ନିଯୋଗ ମଧ୍ୟରେ ସମନ୍ୱୟ ଓ ସହଯୋଗ ବୃଦ୍ଧି ପାଇଁ କ'ଣ ପଦକ୍ଷେପ ନିଆଯାଉଛି ?**

ଉତ୍ତର : ବିଭିନ୍ନ ଧାର୍ମିକ ଉତ୍ସବ, ଆଲୋଚନାଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୀତିକାନ୍ତି ସମ୍ପର୍କିତ ବୈଠକ ମାଧ୍ୟମରେ ସେବାୟତମାନଙ୍କ ମଧ୍ୟରେ ସମନ୍ୱୟ ଓ ସହଯୋଗର ଭାବନା ବୃଦ୍ଧି ପାଉଛି। ଏହା ନୀତିକାନ୍ତିର ସୁଚାରୁ ପରିଚାଳନାରେ ସହାୟକ ହେଉଛି।

**ପ୍ରଶ୍ନ ; ଆଧୁନିକ ପ୍ରଯୁକ୍ତି ଓ ଡିଜିଟାଲ ବ୍ୟବସ୍ଥାର ବ୍ୟବହାର ଶ୍ରୀମନ୍ଦିର ପରିଚାଳନାରେ କେତେ ଦୂର ସହାୟକ ବୋଲି ଆପଣ ମନେ କରନ୍ତି ?**

ଉତ୍ତର : ନିଶ୍ଚିତ ଭାବେ ଆଧୁନିକ ପ୍ରଯୁକ୍ତି ଓ ଡିଜିଟାଲ ବ୍ୟବସ୍ଥା ଶ୍ରୀମନ୍ଦିର ପରିଚାଳନାକୁ ଅଧିକ ସୁଦୃଢ଼ କରୁଛି। ବିଭିନ୍ନ ସେବା, ସୂଚନା ପ୍ରଦାନ, ଡିଜିଟାଲ ସ୍ଲଟ୍ ବୁକିଂ ଓ ଅନ୍ୟାନ୍ୟ ବ୍ୟବସ୍ଥା ମାଧ୍ୟମରେ ଭକ୍ତମାନଙ୍କୁ ଉନ୍ନତ ସେବା ଯୋଗାଇବାର ପ୍ରୟାସ ଜାରି ରହିଛି।




**ପ୍ରଶ୍ନ ; ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଓ ମନ୍ଦିର ସହ ସେମାନଙ୍କର ପାରମ୍ପରିକ ସମ୍ପର୍କକୁ ନେଇ ଆପଣଙ୍କ ମତ କ'ଣ ?**

ଉତ୍ତର : ପୁରୀବାସୀଙ୍କ ସୁବିଧାଜନକ ଦର୍ଶନ ବ୍ୟବସ୍ଥା ପାଇଁ ପ୍ରୟାସ ଜାରି ରହିଛି। ସେମାନଙ୍କ ଦର୍ଶନରେ କୌଣସି ଅସୁବିଧା ନ ହେଉ, ସେଥିପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ସୁରକ୍ଷା ଓ ଶୃଙ୍ଖଳା ବ୍ୟବସ୍ଥା କରାଯାଉଛି। ଭବିଷ୍ୟତରେ ଏହି ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ।

**ପ୍ରଶ୍ନ ; ଆନ୍ତର୍ଜାତୀୟ ସ୍ତରରେ ଶ୍ରୀଜଗନ୍ନାଥ ଚେତନାର ପ୍ରସାର ପାଇଁ କେଉଁ କ୍ଷେତ୍ରରେ ଅଧିକ ପ୍ରୟାସ ଆବଶ୍ୟକ ବୋଲି ଆପଣ ଭାବୁଛନ୍ତି ?**

ଉତ୍ତର : ସ୍କନ୍ଦପୁରାଣର ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ ସମେତ ଶ୍ରୀଜଗନ୍ନାଥଙ୍କ ମହିମାକୁ ଦେଶ-ବିଦେଶରେ ପହଞ୍ଚାଇବା ପାଇଁ ମୁଦ୍ରିତ ଗଣମାଧ୍ୟମ, ମାସିକ ଓ ଦୈନିକ ପତ୍ରିକା, ଡିଜିଟାଲ ଓ ଇଲେକ୍ଟ୍ରୋନିକ୍ ମିଡିଆର ବ୍ୟାପକ ବ୍ୟବହାର ଆବଶ୍ୟକ। ଶ୍ରୀମନ୍ଦିରର ବିଭିନ୍ନ ଉପକମିଟି ଏହି ଦିଗରେ ନିରନ୍ତର କାର୍ଯ୍ୟ କରୁଛନ୍ତି ଏବଂ ଆଗାମୀ ଦିନରେ ଏହାକୁ ଆହୁରି ବ୍ୟାପକ କରାଯିବ।

**ପ୍ରଶ୍ନ ; ଅଯୋଧ୍ୟା ରାମ ମନ୍ଦିରରେ ହୁଣ୍ଡିରୁ ଚୋରି ଘଟଣା ପରିପ୍ରେକ୍ଷୀରେ ଶ୍ରୀମନ୍ଦିରର ହୁଣ୍ଡି ବ୍ୟବସ୍ଥାର ସ୍ୱଚ୍ଛତାକୁ ଆପଣ କିପରି ଦେଖୁଛନ୍ତି ?**

ଉତ୍ତର : ଶ୍ରୀଜଗନ୍ନାଥ ମନ୍ଦିରର ହୁଣ୍ଡି ବ୍ୟବସ୍ଥା ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ସୁରକ୍ଷିତ। ଭକ୍ତମାନେ ଶ୍ରଦ୍ଧାର ସହିତ ଯେଉଁ ଦାନ ଅର୍ପଣ କରନ୍ତି, ତାହାକୁ ନିୟମାନୁସାରେ ମନ୍ଦିର ପ୍ରଶାସନ ବ୍ୟବହାର କରିଥାଏ। ସମସ୍ତ ପ୍ରକ୍ରିୟା ନିର୍ଦ୍ଦିଷ୍ଟ କମିଟିର ତଦାରଖ, ସିସିଟିଭି ନଜରଦାରି ଓ କଠୋର ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପରିଚାଳିତ ହୁଏ।

**ପ୍ରଶ୍ନ ; ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତ ଏବଂ ଶ୍ରୀକ୍ଷେତ୍ର ସୂଚନାର ପାଠକମାନଙ୍କ ପାଇଁ ଆପଣଙ୍କ ବିଶେଷ ବାର୍ତ୍ତା କ'ଣ ?**

ଉତ୍ତର : ଶ୍ରୀକ୍ଷେତ୍ର ସୂଚନା ସଦା ସର୍ବଦା ଶ୍ରୀଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ସଠିକ୍ ତଥ୍ୟକୁ ପାଠକଙ୍କ ନିକଟରେ ପହଞ୍ଚାଇ ଆସୁଛି। ମହାପ୍ରଭୁଙ୍କ କୃପାରୁ ସମସ୍ତଙ୍କ ଜୀବନରେ ଶାନ୍ତି, ମୈତ୍ରୀ, ସୁଖ ଓ ସମୃଦ୍ଧି ବର୍ଷିତ ହେଉ— ଏହାହିଁ ମୋର ଆନ୍ତରିକ କାମନା।

# ଶ୍ରୀଅଲାରନାଥଙ୍କ ପୁନଃ ପ୍ରଚଳନ ହେଲା ବଡ ସିଂହାର ବେଶ



ବ୍ରହ୍ମଗିରି/ପୁରୀ: ଆନନ୍ଦରେ ଅଶ୍ରୁ ଝରାଇଲେ ଶ୍ରଦ୍ଧାଳୁ, ଭକ୍ତ। ଖୁସି ବ୍ୟକ୍ତ କଲେ ସେବାୟତ। ଅନେକ ବର୍ଷ ଧରି ମହାପ୍ରଭୁ ଶ୍ରୀ ଅଲାରନାଥଙ୍କ ବନ୍ଦ ଥିବା ବଡସିଂହାର ବେଶର ହୋଇଛି ପୁନଃ ପ୍ରଚଳନ। ଅନବସରର ଦ୍ୱିତୀୟ ଦିନରେ ବ୍ରହ୍ମଗିରିର ଶୀଅଲାରନାଥ ପୀଠରେ ମହାପ୍ରଭୁ ଶ୍ରୀ ଅଲାରନାଥଙ୍କ ବଡ ସିଂହାର ବେଶ ଅନୁଷ୍ଠିତ ହୋଇଥିଲା। ବହୁ ଦିନର ବ୍ୟବଧାନ ପରେ ଏହି ମନୋରମ, ଅପୂର୍ବ, ମନୋମୁଗ୍ଧକର ବେଶକୁ ଦେଖି ଭକ୍ତ, ଶ୍ରଦ୍ଧାଳୁ ମାନେ ବିମୋହିତ ହୋଇ ପଡିଥିଲେ। ଖୁସି ରେ ବହି ଯାଉଥିଲା ଆନନ୍ଦାଶ୍ରୁ। ଚଳିତ ବର୍ଷର ପ୍ରସ୍ତୁତି ବୈଠକରେ ଏ ସମ୍ପର୍କରେ ସେବାୟତ ଓ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ମାନେ ବଡସିଂହାର ବୃଶ ପାଇଁ ଜିଲ୍ଲାପାଳ ଦିବ୍ଯ ଜ୍ୟୋତି ପରିଡାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଶ୍ରୀମନ୍ଦିର ସେବାୟତ ଙ୍କ ପରାମର୍ଶ ଅନୁସାରେ ଏହାର ପୁନଃ ପ୍ରଚଳନ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ଲାଗି ଜିଲ୍ଲାପାଳ ଶ୍ରୀ ପରିଡା ଉପ ଜିଲ୍ଲାପାଳ ରାଜ କିଶୋର ଜେନା ଓ ବ୍ରହ୍ମଗିରି ତହସିଲଦାର ଦେବାଶିଷ ସେଠୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପ ଜିଲ୍ଲାପାଳ ଓ ତହସିଲଦାର ଶ୍ରୀ ଅଲାରନାଥ ମହାପ୍ରଭୁଙ୍କ ସେବାୟତ ମଣ୍ଡଳୀ ସହ ଆଲୋଚନା ବୈଠକ ପରେ ଏହାକୁ ଗତକାଲି ଠାରୁ କାର୍ଯ୍ୟ କାରୀ କରାଯାଇଛି। ସେହିପରି ପୂର୍ବ ନିଷ୍ପତ୍ତି ଅନୁସାରେ ଶ୍ରୀ ଅଲାରନାଥ ଙ୍କ କୋଠ ଭୋଗ ଭିତରେ ଭୋଗ ଲାଗିବାର ବ୍ୟବସ୍ଥା କରାଯାଇଥିବା ବେଳେ ଜଜମାନୀ ଭୋଗ ବାହାରେ ହୋଇଥିଲା।ଜିଲ୍ଲାପାଳ ଙ୍କ ସହ ସେବାୟତ ମାନଙ୍କର ଆଲୋଚନା ମାଧ୍ୟମରେ ହୋଇଥିବା ଏହି ନିଷ୍ପତ୍ତି ଯୋଗୁଁ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ପାଇଁ ଅଧିକ ସୁବିଧା ହୋଇଥିଲା। ଏଥିପାଇଁ ଶ୍ରଦ୍ଧାଳୁ ମାନେ ଆନନ୍ଦ ପ୍ରକାଶ କରିବା ସହ ପ୍ରଶାସନ କୁ ଧନ୍ୟବାଦ ଜଣାଇଛନ୍ତି।

**ଖୁସି ବ୍ୟକ୍ତ କଲେ ସେବାୟତ ଓ ଶ୍ରଦ୍ଧାଳୁ**




ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହରେ ଯୋଗ ଦେଇ ଓଡ଼ିଆ ସିନେମାର ସର୍ବାଙ୍ଗୀନ ବିକାଶ, କଳାକାରଙ୍କ ସୁରକ୍ଷା ଏବଂ ଉନ୍ନତମାନର ଚଳଚ୍ଚିତ୍ର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ନୂତନ 'ଚଳଚ୍ଚିତ୍ର ନୀତି' ପ୍ରଣୟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି



ଯାଜପୁର ସୋଲର (ବୈରୀ) ସ୍ଥିତ ପୋଲିସ୍ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଆୟୋଜିତ ପ୍ରଥମ ବ୍ୟାଚ୍ ଅବକାରୀ ପ୍ରଶିକ୍ଷାର୍ଥୀଙ୍କ 'ଦୀକ୍ଷାନ୍ତ ସମାରୋହ'ର ଏକ ବିଶେଷ ମୁହୂର୍ତ୍ତରେ ତାଲିମ ସମୟରେ ବିଭିନ୍ନ ପାଠ୍ୟ ଖସଡ଼ାରେ ଉତ୍କର୍ଷତା ହାସଲ କରିଥିବା ପ୍ରଶିକ୍ଷାର୍ଥୀ ଓ ଉତ୍ତମ ତାଲିମ ପ୍ରଦାନ କରିଥିବା ଏକାଡେମୀର ଅଧିକାରୀମାନଙ୍କୁ ପୁରସ୍କୃତ କରିଛନ୍ତି ଅବକାରୀ ବିଭାଗର ମନ୍ତ୍ରୀ ପୃଥିବୀରାଜ ହରିଚନ୍ଦନ






# ମହାପ୍ରଭୁଙ୍କ ଆଦ୍ୟ ଯାତ୍ରା: ସ୍ନାନୋତ୍ସବ



ଡକ୍ଟର ଭାସ୍କର ମିଶ୍ର

ଅତ୍ୟନ୍ତ ପ୍ରାଚୀନ ସମୟରୁ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ କେତେକ ଯାତ୍ରା, ଉପଯାତ୍ରା ତଥା ଉତ୍ସବାଦି ଅନୁଷ୍ଠିତ ହୋଇ ଆସୁଅଛି । ସ୍କନ୍ଦପୁରାଣର ଉଲ୍ଲେଖ ପ୍ରକାରେ ମହାପ୍ରଭୁମାନଙ୍କର ଦ୍ୱାଦଶ ଯାତ୍ରା ମୁଖ୍ୟ ଅଟେ । ଏହି ପ୍ରସିଦ୍ଧ ଦ୍ୱାଦଶ ଯାତ୍ରା ମଧ୍ୟରୁ ସ୍ନାନ ଯାତ୍ରା ବା ସ୍ନାନ ମହୋତ୍ସବ ଅନ୍ୟତମ ତଥା ଆଦ୍ୟ ଉତ୍ସବ ରୂପେ ଅଭିହିତ । ବିଭିନ୍ନ ସଂସ୍କୃତ ପୁରାଣ ଗ୍ରନ୍ଥାଦିରେ ମହାପ୍ରଭୁଙ୍କ ପବିତ୍ର ସ୍ନାନ ଯାତ୍ରା ସମ୍ପର୍କରେ ବର୍ଣ୍ଣନା କରାଯାଇଅଛି । ତନ୍ମଧ୍ୟରେ "ଯାତ୍ରାଭାଗବତ'ରେ କୁହାଯାଇଛିଯେ, ଉଦୟା ପୂର୍ଣ୍ଣମୀ (ଜ୍ୟେଷ୍ଠ ପୂର୍ଣ୍ଣିମା) ତିଥିରେ ଏହି ଯାତ୍ରା ପାଳନ ହୁଏ । କାରଣ ଏହି ତିଥି ଉପଯୁକ୍ତ ଯାତ୍ରା ପାଇଁ ପ୍ରଶସ୍ତ । ଏପରିକି ସ୍ନାନ ଯାତ୍ରା ଦିବସ ବା ଜ୍ୟେଷ୍ଠ ପୂର୍ଣ୍ଣିମା ତିଥି ହିଁ ଶ୍ରୀବିଗ୍ରହମାନଙ୍କର ଆବିର୍ଭାବ ବା ଜନ୍ମ ଦିବସ ଅଟେ ।

ସ୍କନ୍ଦ ପୁରାଣ ଅନ୍ତର୍ଗତ ଉତ୍କଳଖଣ୍ଡସ୍ଥିତ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମହାତ୍ମ୍ୟରେ ଏ ପ୍ରସଙ୍ଗରେ ବର୍ଣ୍ଣନା କରାଯାଇଛି ଯେ, ସ୍ୱୟଂ ଶ୍ରୀଜଗନ୍ନାଥ ମହାପ୍ରଭୁ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଶ୍ରୀମନ୍ଦିର ଅଭ୍ୟନ୍ତରସ୍ଥ ରତ୍ନ ସିଂହାସନରେ ପ୍ରତିଷ୍ଠିତ ହେବା ପରେ ଅତ୍ୟନ୍ତ ପ୍ରସନ୍ନ ହୋଇ ମହାରାଜାଙ୍କୁ ସ୍ୱୟଂ ଦର୍ଶନ ଦେଇଥିଲେ । ଭବିଷ୍ୟତରେ ତାଙ୍କର ପୂଜାବିଧି ଓ ଯାତ୍ରା ଉତ୍ସବ ଆଦି ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ଉପଦେଶ ପ୍ରଦାନ କରିଥିଲେ । ତନ୍ମଧ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପ୍ରଥମ ଉପଦେଶ ଥିଲା ଜ୍ୟେଷ୍ଠ ମାସର ପୂର୍ଣ୍ଣିମା ତିଥିରେ ଦାରୁବ୍ରହ୍ମ ରୂପରେ ସେ ସ୍ୱୟଂ ଅବତୀର୍ଣ୍ଣ ହୋଇଥିବାରୁ ତାହା ତାଙ୍କର ପୁଣ୍ୟ ଜନ୍ମ ତିଥି ଓ ମହାସ୍ନାନ ବିଧାନରେ ଏହି ଯାତ୍ରା ପାଳନ କରିବ । ଏହି ପ୍ରସିଦ୍ଧ ଆଦ୍ୟ ଯାତ୍ରାର ମାହାତ୍ମ୍ୟ ଓ ସ୍ନାନବିଧିର ପ୍ରାଚୀନତା ସମ୍ପର୍କରେ ସ୍କନ୍ଦପୁରାଣ, ବ୍ରହ୍ମପୁରାଣ, ପଦ୍ମପୁରାଣ, ବାମଦେବସଂହିତା, ଯାତ୍ରା ଭାଗବତ, ନୀଳାଦ୍ରିମହୋଦୟ, କପିଳସଂହିତା, ପୁରୁଷୋତ୍ତମ ସଂହିତା ଇତ୍ୟାଦି ଗ୍ରନ୍ଥାଦିରେ ସବିଶେଷ ଉଲ୍ଲେଖ ରହିଅଛି । "ନୀଳାଦ୍ରିମହୋଦୟଃ' ଗ୍ରନ୍ଥରେ ବର୍ଣ୍ଣନା ପ୍ରକାରେ, ସ୍ୱୟଂ ଦାରୁବ୍ରହ୍ମରୂପୀ ମହାପ୍ରଭୁ ଶ୍ରୀଜଗନ୍ନାଥ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଥିଲେ, ଜ୍ୟେଷ୍ଠ ମାସ ଅମାବାସ୍ୟା ଦିନ ସ୍ୱାୟଂଭୂବ ମନୁ ଏକ ଯଜ୍ଞାରମ୍ଭ କରିଥିଲେ । ମୁଁ ଉକ୍ତ ଯଜ୍ଞ ବେଦୀରେ ଜ୍ୟେଷ୍ଠପୂର୍ଣ୍ଣିମା ଦିନ ଅବତୀର୍ଣ୍ଣ ହୋଇଥିଲି । ତେଣୁ ଜ୍ୟେଷ୍ଠ ମାସର ପୂର୍ଣ୍ଣିମା ହେଉଛି ମୋର ଜନ୍ମ ଦିବସ । ହେ ରାଜା! ଏହି ପୂର୍ଣ୍ଣିମା ଦିନ ତୁମ୍ଭେ ଅତି ଆଦର ସହକାରେ ଭକ୍ତିପୂତ ହୃଦୟରେ ମହୋତ୍ସବ ସହିତ ଯଥାବିଧି ମୋର ମହାସ୍ନାନ କରାଇବ । ସେହିପରି ସ୍କନ୍ଦପୁରାଣ ଉତ୍କଳଖଣ୍ଡ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟର ୩୧ ଅଧ୍ୟାୟସ୍ଥିତ ଶ୍ଳୋକ ୨୬ରେ କୁହାଯାଇଛିଯେ, ଶ୍ରୀମନ୍ଦିରରେ ପ୍ରବେଶ କରି ମଞ୍ଚାସୀନ ଶ୍ରୀପୁରୁଷୋତ୍ତମ ଭଗବାନ, ବଳଭଦ୍ର ଓ ସୁଭଦ୍ରା ଦେବୀଙ୍କୁ ଦର୍ଶନ କଲେ ମାନବ ପାପ କଞ୍ଚୁକରୁ ମୁକ୍ତ ହୁଏ ।

ଜ୍ୟେଷ୍ଠ ମାସ ପୂର୍ଣ୍ଣିମା, ଦେବସ୍ନାନ ପୂର୍ଣ୍ଣିମା ନାମରେ ପ୍ରସିଦ୍ଧ ଲାଭ କରିଛି । ଏହି ପୁଣ୍ୟ ତିଥିରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପବିତ୍ର ସ୍ନାନ ଯାତ୍ରା ବା ମଞ୍ଚ ସ୍ନାନ ଅନୁଷ୍ଠିତ ହୋଇଥାଏ । ଏ ସମ୍ବନ୍ଧରେ ପୁରାଣରେ ବର୍ଣ୍ଣନା କରାଯାଇଛିଯେ, ଦେବାଧିଦେବ ଭଗବାନ ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ୱତନ୍ତ୍ର ସ୍ନାନ ବିଧି ନିମିତ୍ତ ଚତୁର୍ଦ୍ଦଶୀ ତିଥିରେ ତୃଣ ଓ କାଷ୍ଠ ନିର୍ମିତ ଏକ ସୁଶୋଭିତ ମଞ୍ଚ ନିର୍ମାଣ କରି ତହିଁରେ ଚୂର୍ଣ୍ଣ ଲେପ ପ୍ରଦାନ କରିବେ । ସ୍ୱର୍ଗର ଦେବତାମାନେ ସେଠାରେ ଅବସ୍ଥାନ କରି ଭଗବାନଙ୍କ ସ୍ନାନ ଯାତ୍ରା ଯେପରି ଦର୍ଶନ କରିପାରିବେ, ସେଥି ନିମିତ୍ତ ସେହି ମଞ୍ଚକୁ ଚନ୍ଦ୍ରାତାପ ଶୋଭିତ ମୂଲ୍ୟବାନ ଆବରଣ ବସ୍ତ୍ର ଦ୍ୱାରା ଆଚ୍ଛାଦିତ କରାଯିବ । ମଞ୍ଚକୁ ବିଭିନ୍ନ ତରୁରାଜି, ପୁଷ୍ପ ଇତ୍ୟାଦିରେ ସୁସଜ୍ଜିତ କରାଯିବା ସହିତ ବିବିଧ ମଣି, ମୁକ୍ତା, ମାଲ୍ୟ, .ମର, ପତାକା ଓ ତୋରଣ ଦ୍ୱାରା ବିମଣ୍ଡିତ କରିବ । ଚନ୍ଦନ ମିଶ୍ରିତ ସୁଗନ୍ଧ ସୁଶୀତଳ ଜଳ ଦ୍ୱାରା ସଂସିକ୍ତ ଏବଂ ସୁଗନ୍ଧ ଧୂପ ଦ୍ୱାରା ସୁରଭିତ କରାଯିବ । ବିଭିନ୍ନ ଗ୍ରନ୍ଥରୁ ଏହି ଯାତ୍ରାର ନାମ ଜ୍ୟେଷ୍ଠ ସ୍ନାନ, ଦେବ ସ୍ନାନ ତଥା ମଞ୍ଚ ସ୍ନାନ ନାମରେ ଅଭିହିତ କରାଯାଇଛି । ବିଶେଷ କରି ଗଙ୍ଗବଂଶ ରାଜାମାନଙ୍କ ରାଜତ୍ୱ କାଳରେ ଶ୍ରୀମନ୍ଦିର ଭିତରେ ବେଢ଼ାରେ କାଷ୍ଠ, ବାଉଁଶ ଇତ୍ୟାଦି ସାହାଯ୍ୟରେ ସ୍ୱତନ୍ତ୍ର ଭାବେ ଅସ୍ଥାୟୀ ମଞ୍ଚ ନିର୍ମିତ ହୋଇ .ନ୍ଧୁଆ, ପତ୍ର, ପୁଷ୍ପ, .ମର ଇତ୍ୟାଦି ଦ୍ୱାରା ସୁସଜ୍ଜିତ କରାଯାଉଥିଲା । ସେହି ସ୍ଥାନରେ ଶ୍ରୀବିଗ୍ରହମାନଙ୍କର ସ୍ନାନୋତ୍ସବ ଅନୁଷ୍ଠିତ ହେଉଥିବାରୁ ତାହା "ମଞ୍ଚ ସ୍ନାନ' ନାମରେ ପ୍ରସିଦ୍ଧି ଲାଭ କରିଥିଲା । ପରବର୍ତ୍ତୀ ସମୟରେ କପିଳେନ୍ଦ୍ର ଦେବଙ୍କ ଦ୍ୱାରା ବାହାର ବେଢ଼ା ନିର୍ମାଣ ହେବା ପରେ ବର୍ତ୍ତମାନର ଆନନ୍ଦବଜାର ପରିସରସ୍ଥ ପୂର୍ବ ପଟକୁ ପ୍ରସ୍ତର ନିର୍ମିତ ସ୍ଥାୟୀ ସ୍ନାନ ମଣ୍ଡପର ପରିକଳ୍ପନା କରାଯାଇଥିଲା ।

ଜ୍ୟେଷ୍ଠ ପୂର୍ଣ୍ଣିମାର ପ୍ରତ୍ୟୁଷରୁ ଚତୁର୍ଦ୍ଧା ଦାରବ ବିଗ୍ରହଙ୍କୁ ସ୍ନାନ ମଞ୍ଚକୁ ବିଜେ କରାଇବା ପରେ ପୂର୍ବ ରାତ୍ରରୁ ଶ୍ରୀମନ୍ଦିରସ୍ଥ ସ୍ୱତନ୍ତ୍ର କୂପରୁ ମହାପ୍ରଭୁଙ୍କ ସ୍ନାନ ନିମିତ୍ତ ସ୍ୱର୍ଣ୍ଣ କଳଶରେ ଜଳ ଉତ୍ତୋଳନ କରାଯାଇ ତହିଁରେ ଚନ୍ଦନ, କର୍ପୂର, କେଶର, ଚୁଆ ଇତ୍ୟାଦି ବିଭିନ୍ନ ସୁଗନ୍ଧି ଦ୍ରବ୍ୟ ମିଶ୍ରଣ ପୂର୍ବକ ପାବମାନୀ ମନ୍ତ୍ର ପାଠ ଦ୍ୱାରା ଅଧିବାସ କରାଯିବ । ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଏହି ଜଳ କଳଶ ଗୁଡ଼ିକୁ ସମୁଦ୍ରଜ୍ୟେଷ୍ଠା ମନ୍ତ୍ର ତଥା ଷୋଡ଼ଶ ଉପ.ର ବିଧିରେ ପୂଜା କରାଯାଇ ସ୍ନାନ ମଞ୍ଚ ବା ସ୍ନାନ ପୀଠ ଉପରେ ବିରାଜିତ ଚତୁର୍ଦ୍ଧା ବିଗ୍ରହଙ୍କୁ ଧୀରେ ଧୀରେ ଅତ୍ୟନ୍ତ ସାବଧାନତାର ସହ ସ୍ନାନ କରାଇବ । ସ୍କନ୍ଦ ପୁରାଣର ଉଲ୍ଲେଖ ପାକରେ :-

"ଜ୍ୟେଷ୍ଠ ସ୍ନାନଂ ଭଗବତୋ ଯେ ପଶ୍ୟନ୍ତି ମୁଦନ୍ୱିତାଃ ।
ନ ତେ ଭବାବ୍ଧୌ ମଜ୍ଜନ୍ତି ଯାତ୍ରାସୂ ଜନ୍ମମାନସଃ ।।"
(ସ୍କନ୍ଦ.ପୁ.କ୍ଷେ.ମା-୩୧/୭୨)

ଅର୍ଥାତ୍, ସ୍ନାନ ମହୋତ୍ସବ କାଳରେ ପରମ ଆନନ୍ଦ ଓ ଔତ୍ସୁକ୍ୟ ପୂର୍ଣ୍ଣ ହୃଦୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜ୍ୟେଷ୍ଠ ସ୍ନାନ ବା ମଞ୍ଚ ସ୍ନାନ ଦର୍ଶନ କଲେ ଜୀବଗଣ କେବେହେଲେ ଭବ ସାଗରରେ ନିମଗ୍ନ ହୁଅନ୍ତି ନାହିଁ ।

ମହାପ୍ରଭୁଙ୍କର ଏହି ପ୍ରାଚୀନ ସ୍ନାନ ମହୋତ୍ସବର ଐତିହାସିକ କାଳ ନିରୂପଣ କରିବାକୁ ଯାଇ ଗବେଷକମାନେ ମତ ପ୍ରଦାନ କରିଛନ୍ତି ଯେ, ଦ୍ୱାଦଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ପୁରୁଷୋତ୍ତମ କ୍ଷେତ୍ରରେ ଜ୍ୟେଷ୍ଠ ସ୍ନାନ ବା ମହା ଜ୍ୟେଷ୍ଠ ଯୋଗ ସୁପ୍ରସିଦ୍ଧ ଥିଲା । ପ୍ରାଚୀନ ସମୟରୁ ପାରମ୍ପରିକ ପ୍ରଥା ଅନୁଯାୟୀ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଶ୍ରୀବିଗ୍ରହମାନଙ୍କ ମଙ୍ଗଳାର୍ପଣ, ଡୋର ଲାଗି ହୋଇ ବିଜେ କାହାଳି ବାଜିବା ପରେ ଧାଡ଼ି ପହଣ୍ଡିରେ ଠାକୁରମାନଙ୍କୁ ଆନନ୍ଦବଜାର ପରିସରସ୍ଥିତ ପୂର୍ବାଭିମୁଖୀ ସ୍ନାନ ମଣ୍ଡପସ୍ଥିତ ଚକା ଉପରେ ଅଧିଷ୍ଠିତ ପୂର୍ବକ ରୁନ୍ଧା ଯାଇଥାଏ । ଏହି ଆନନ୍ଦଦାୟକ ପହଣ୍ଡି ବିଜେ ସମୟରେ ରାଘବ ଦାସ ମଠ ପ୍ରଦତ୍ତ "ଟାହିଆ' ସାତ ପାହାଚ ଉପରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମସ୍ତକରେ ଲାଗି କରାଯାଇଥାଏ । ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ବର୍ଣ୍ଣିତ ଅଧିକାର ପ୍ରାପ୍ତ ବିଭିନ୍ନ ସମ୍ପ୍ରଦାୟ ମଠାନୁଷ୍ଠାନର ମହନ୍ତ, ଅଧିକାରୀ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷମାନେ ଏହି ସମୟରେ .ମର, ଆଲଟ ସେବା ସମେତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପଡ଼ି ଭୋଗ କରିଥାନ୍ତି । ସ୍ନାନମଣ୍ଡପ ଉପରେ ମହାପ୍ରଭୁମାନଙ୍କ ମଙ୍ଗଳ ଆଳତି, ଅବକାଶ, ଅଧରପୋଛା ଇତ୍ୟାଦି ନୀତି ସମାପନ ହେବାପରେ ସୁନା କୂପରୁ ଆନୀତ ଜଳ ଯାହାକି ୧୦୮ ଗଡୁରେ ଅଧିବାସିତ ହୋଇ ସେଥିରେ ଘୋରାଚନ୍ଦନ, କର୍ପୂର, ଚୁଆ, କେଶର ଇତ୍ୟାଦି ସୁଗନ୍ଧି ଦ୍ରବ୍ୟ ଦ୍ୱାରା ମିଶ୍ରିତ ହୋଇ ରହିଥାଏ । ଦେଉଳକରଣ ସେବକ ଉପସ୍ଥିତ ରହି ଏହିସବୁ କାର୍ଯ୍ୟର ତଦାରଖ କରିଥାନ୍ତି । ଘଣ୍ଟ, ଛତା ଓ କାହାଳି ବାଜି ତଳୁଛ ଓ ପ୍ରଧାନୀ ସେବକଙ୍କ "ହାତ ପଇଠ' ପୂର୍ବକ ପଟୁଆରରେ ଗୋଷ୍ଠୀଗତ ଭାବେ ଶତାଧିକ ଗରାବଡୁ ସେବକମାନେ ବାଘମୁହାଁ ବାନ୍ଧି ଅତି ପବିତ୍ରତାର ସହ ଜଳଗଡୁମାନଙ୍କୁ ଦୁଇ ହସ୍ତରେ ଧରି ସ୍ନାନମଣ୍ଡପ ଉପରକୁ ଯାଇଥାନ୍ତି । ସାଧାରଣତଃ .ରି ଥରରେ ସ୍ନାନ ମଣ୍ଡପରେ .ରି ପଙ୍କ୍ତିରେ ରଖିଥାନ୍ତି । ପରମ୍ପରା ଅନୁଯାୟୀ ୧୦୮ ଗଡୁ ଜଳ ମଧ୍ୟରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନ ନିମନ୍ତେ ୩୫ ଗଡୁ, ଶ୍ରୀବଳଭଦ୍ରଙ୍କ ୩୩ ଗଡୁ, ଦେବୀ ସୁଭଦ୍ରାଙ୍କ ୨୨ ଗଡୁ ଓ ଶ୍ରୀ ସୁଦର୍ଶନଙ୍କ ସ୍ନାନ ନିମିତ୍ତ ୧୮ ଗଡୁ ପୃଥକ୍ ପୃଥକ୍ ଭାବେ ରଖିଥାନ୍ତି । ପୁରାଣରୁ ମିଳୁଥିବା ତଥ୍ୟ ପଥକାରେ ଅତୀତରେ ଏହି ଗଡୁ ଗୁଡ଼ିକ ସ୍ୱର୍ଣ୍ଣ ନିର୍ମିତ ଥିଲା । ପରବର୍ତ୍ତୀ ସମୟରେ ଏହା ରୌପ୍ୟ ଓ ତାମ୍ର ନିର୍ମିତ ଗଡୁରେ ସ୍ନାନ ବିଧି ସଂପନ୍ନ ହେଉଥିଲା । କିନ୍ତୁ କେତେକ କାରଣ ବଶତଃ ବିଗତ ପ୍ରାୟ ୪୦ ବର୍ଷ ଧରି ମାଟି ନିର୍ମିତ ନୂତନ ଲାଲ ରଙ୍ଗର ଗଡୁରେ ଏହି କାର୍ଯ୍ୟ ହୋଇ ଆସୁଅଛି । ପୁରୀର ପାରମ୍ପରିକ କୁମ୍ଭକାରମାନେ ଏହି ଗଡୁକୁ ନିର୍ମିତ କରୁଥିବା ଜଣାଯାଏ ।



ପୂଜାପଣ୍ଡାମାନେ ବୈଦିକ ବିଧିରେ ବିଭିନ୍ନ ମନ୍ତ୍ର ଓ ମୁଦ୍ରାର ପ୍ରୟୋଗରେ ଜଳକୁ ଷୋଡ଼ଶ ଉପ.ରରେ ପୂଜା କରିଥାନ୍ତି । ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ଚୋତନା ଭିତ୍ତିକ ଆଧ୍ୟାତ୍ମିକ ଗ୍ରନ୍ଥ "ବାମଦେବସଂହିତା'ରେ ଉଲ୍ଲେଖ ଅଛି ଯେ, ମହାପ୍ରଭୁଙ୍କ ଜଳ ପୂଜା ସମୁଦ୍ରାଜ୍ୟେଷ୍ଠା ମନ୍ତ୍ରରେ ଅଭିମନ୍ତ୍ରିତ ହୋଇଥାଏ । .ରି ପଙ୍କ୍ତିରେ ରଖାଯାଇଥିବା ଜଳ ଗଡୁ ସମସ୍ତ ପୂଜା ହେବାପରେ ଗରାବଡୁ ସେବକମାନେ ଅଭିମନ୍ତ୍ରିତ ଜଳକୁ ନେଇ ମେକାପ ସେବକ ଧରିଥିବା ରୂପା ପିଙ୍ଗଣରେ ଢାଳିଥାନ୍ତି । ଏହାପରେ ମେକାପ ସେବକ ପାଳିଆ ପୂଜାପଣ୍ଡା ସେବକଙ୍କୁ ଜଳପୂର୍ଣ୍ଣ ପିଙ୍ଗଣକୁ ପ୍ରଦାନ କରିବା ପରେ ଶ୍ରୀବିଗ୍ରହମାନଙ୍କ ସର୍ବାଙ୍ଗରେ ପ୍ରତ୍ୟକ୍ଷ ଭାବେ ଏହି ଅଭିମନ୍ତ୍ରିତ ଜଳକୁ ଅତ୍ୟନ୍ତ ପବିତ୍ରତାର ସହ ଲାଗି କରାଯାଇଥାଏ । ପଦ୍ମପୁରାଣର ଉଲ୍ଲେଖ ପ୍ରକାରେ ଦାରୁବ୍ରହ୍ମରୂପୀ ଭଗବାନ ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କର ଏହି ବିଶେଷ ପ୍ରତ୍ୟକ୍ଷ ସ୍ନାନ ଲାଗି ଦର୍ଶନ ନିମନ୍ତେ ଆକାଶରେ ଦେବଗଣ ଉପସ୍ଥିତ ହୋଇ ପୁଷ୍ପ ବୃଷ୍ଟି ସ୍ୱରୂପ ବାରିବିନ୍ଦୁ ବର୍ଷଣ କରନ୍ତି । ସେହିପରି ବ୍ରହ୍ମପୁରାଣରେ କୁହାଯାଇଛିଯେ, ମହାପ୍ରଭୁଙ୍କର ସ୍ନାନକାଳୀନ ଦୃଶ୍ୟ ଅତ୍ୟନ୍ତ ପୁଣ୍ୟଦାୟକ ।

ଶ୍ରୀବିଗ୍ରହମାନଙ୍କୁ ୧୦୮ ଗଡୁ ସ୍ନାନ ଜଳ ଲାଗି ପରେ ପୁଷ୍ପାଳକ ସେବକମାନଙ୍କ ମଇଲମ ପୂର୍ବକ ନୂତନ ବସ୍ତ୍ର, ପୁଷ୍ପାଳଙ୍କାର, ତୁଳସୀ, କର୍ପୂର ଇତ୍ୟାଦିରେ ସୁବେଶ ବଢ଼ାଇଥାନ୍ତି । ସ୍ନାନ ଯାତ୍ରାର ଅନ୍ୟତମ ଆକର୍ଷଣ ହେଲା ସ୍ନାନ ମଣ୍ଡପ ଉପରେ ଗଜପତି ମହାରାଜାଙ୍କ ଛେରାପହଁରା ଓ ରାଜନୀତି ସେବା । ଲକ୍ଷ ଲକ୍ଷ ଭକ୍ତ ଦର୍ଶନାର୍ଥୀ ସ୍ନାନ ମଣ୍ଡପ ତଳେ ଓ ବଡ଼ଦାଣ୍ଡରେ ଦଣ୍ଡାୟମାନ ପୂର୍ବକ ଅବଲୋକନ କରି ଭାବବିହ୍ୱଳିତ ହୋଇପଡ଼ିଥାନ୍ତି । ଶ୍ରୀମନ୍ଦିରର ଆଦ୍ୟ ସେବକଙ୍କ ସ୍ନାନମଣ୍ଡପରେ ମହାପ୍ରଭୁଙ୍କର ଆଦ୍ୟ ଉତ୍ସବରେ ସେବା ସଂପନ୍ନ ଅନନ୍ୟ ଅଟେ । ଏହାପରେ ଠାକୁରମାନଙ୍କର ଦୁର୍ଲଭ ଗଜାନନ ବେଶ ଅନୁଷ୍ଠିତ ହୋଇଥାଏ । ରାଘବଦାସ ମଠ ଓ ଗୋପାଳତୀର୍ଥ ମଠ ପ୍ରଦତ୍ତ ଗଜାନନ ବେଶ ସାମଗ୍ରୀରେ ମହାପ୍ରଭୁମାନଙ୍କୁ ଏହି ଦିବ୍ୟ ବେଶରେ ମଣ୍ଡିତ କରାଯାଇଥାଏ । ଏହି ବେଶ ଥାଇ ଏ ଦିନ ସକାଳ ଧୂପ ରାଜଭୋଗରେ ବଲ୍ଲଭ, ପର୍ବାଣି ଭୋଗ ସମେତ ବିପୁଳ ପରିମାଣର ଅନ୍ନ, ବ୍ୟଞ୍ଜନାଦି, ସୁମିଷ୍ଟ ପିଷ୍ଟକ ଇତ୍ୟାଦି ସର୍ବସମ୍ମୁଖରେ ମହାପ୍ରଭୁମାନଙ୍କୁ ଷୋଡ଼ଶ ଉପ.ର ବିଧିରେ ନୈବେଦ୍ୟ ହୋଇଥାଏ । ତତ୍ପରେ ସ୍ନାନ ମଣ୍ଡପ ଉପରେ ପାଣି ପଡ଼ି ସଫା କରାଯିବା ପରେ ଭକ୍ତ ତଥା ଦର୍ଶନାର୍ଥୀମାନଙ୍କୁ ମହାପ୍ରଭୁମାନଙ୍କର ଏହି ଆକର୍ଷଣୀୟ ଗଜାନନ ବେଶ ଦର୍ଶନ ନିମିତ୍ତ ସ୍ନାନ ମଣ୍ଡପ ଉପରକୁ ଯିବା ପାଇଁ ଅନୁମତି ଦିଆଯାଇଥାଏ । ଦୀର୍ଘ ସମୟ ଧରି ଏହି ଦର୍ଶନ ବ୍ୟବସ୍ଥା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବନ୍ଦୋବସ୍ତ କରାଯାଇଥାଏ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏହି ପ୍ରସିଦ୍ଧ ଆଦ୍ୟ ଉତ୍ସବ ଦେବସ୍ନାନ ନୀତିରେ ପ୍ରାୟ ୯୪ ପ୍ରକାରର ବିଭିନ୍ନ ବର୍ଗର ୮୦୦ ରୁ ଉର୍ଦ୍ଧ୍ୱ ସେବକଙ୍କର ସଂପୃକ୍ତି ରହିଥାଏ । ଏଥି ମଧ୍ୟରେ ଦଇତାପତି, ଗରାବଡୁ, ଘଣ୍ଟୁଆ ସୂପକାରମାନେ ଗୋଷ୍ଠୀଗତ ଭାବେ ସେମାନଙ୍କର ସେବା ସମ୍ପାଦନ କରୁଥିବା ଜଣାଯାଏ । ଏହିଦିନ ବିଳମ୍ବିତ ରାତ୍ରରେ ସ୍ନାନ ମଣ୍ଡପରୁ ଗୋଟି ପହଣ୍ଡିରେ ଠାକୁରମାନେ ବିଜେ ହୋଇ ଅଣସର ପିଣ୍ଡିରେ ବିରାଜମାନ କରିଥାନ୍ତି । ଏହି ସମୟରେ ଦର୍ଶନାର୍ଥୀମାନେ ଶ୍ରୀବିଗ୍ରହମାନଙ୍କ ଦର୍ଶନରୁ ବଞ୍ଚିତ ହୋଇଥାନ୍ତି । କେବଳ ଅଣସର ତାଟି ସମ୍ମୁଖ ଭାଗରେ ଅଧିଷ୍ଠିତ ହୋଇଥିବା ପଟ୍ଟି ଦିଅଁମାନଙ୍କୁ ଦର୍ଶନ କରିବାର ପରମ୍ପରା ରହିଅଛି । ସାଧାରଣତଃ ଦୈନନ୍ଦିନ ନୀତି ଏହି ପଟ୍ଟି ଦିଅଁମାନଙ୍କ ନିକଟରେ ଅନୁଷ୍ଠିତ ହୋଇଥାଏ ।

"ନୀଳାଦ୍ରିମହୋଦୟଃ' ଗ୍ରନ୍ଥର ଉଲ୍ଲେଖ ପ୍ରକାରେ ଜଗତ୍ପତି ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ନାନୋତ୍ସବରେ ତ୍ରିଲୋକରେ ଯେଉଁମାନେ ମହାପ୍ରଭୁମାନଙ୍କୁ ଭକ୍ତି ସହକାରେ ଦର୍ଶନ କରନ୍ତି ସେମାନେ ଭବ ସାଗରରୁ ଶୀଘ୍ର ମୁକ୍ତି ପାଆନ୍ତି । ଏପରିକି ସେ ସମୟରେ ସ୍ୱର୍ଗରୁ ଦେବତାମାନେ ମହାପ୍ରଭୁଙ୍କର ଏହି ଦିବ୍ୟ ସ୍ନାନକୁ ଦର୍ଶନ କରି ଅତ୍ୟନ୍ତ ସନ୍ତୋଷ ଲାଭ କରିଥାନ୍ତି ।

ମହାପ୍ରଭୁଙ୍କ ଏହି ପବିତ୍ର ସ୍ନାନୋତ୍ସବ ଲୀଳାରେ ମଣ୍ଡପ ସାଜସଜ୍ଜା ଠାରୁ ଆରମ୍ଭ କରି ଠାକୁରମାନଙ୍କ ଦିବ୍ୟ ଧାଡ଼ି ପହଣ୍ଡିରେ ମଣ୍ଡପ ଉପରକୁ ବିଜେ, ଗରାବଡୁ ସେବକମାନଙ୍କ ପଟୁଆରରେ ମଣ୍ଡପ ଉପରକୁ ଜଳଗଡୁ ବିଜେ, ଗଜପତିଙ୍କ ଛେରାପହଁରା, ଗଣପତି ଭଟ୍ଟଙ୍କ ସ୍ତୁତିରେ ଗଜାନନ ବେଶ, ବିପୁଳ ପରିମାଣର ଭୋଗ ନୈବେଦ୍ୟ ଇତ୍ୟାଦି ନୀତିରେ ପାଞ୍ଚଶହରୁ ଉର୍ଦ୍ଧ୍ୱ ସେବକଙ୍କର ସମ୍ପୃକ୍ତି ରହିଥିବା ବେଳେ ତିନି ଶହରୁ ଉର୍ଦ୍ଧ୍ୱ ସୂପକାର ଦୀର୍ଘ ସମୟ ଧରି ଭୋଗ ଦ୍ରବ୍ୟାଦିକୁ ରୋଷ ଘରୁ ସ୍ନାନ ମଣ୍ଡପକୁ ଛେକ ଓ ଦୁଇ ହସ୍ତରେ ଧରି ବୋହିବାର ଦୃଶ୍ୟ ଅବର୍ଣ୍ଣନୀୟ । ପଦ୍ମ ପୁରାଣର ବର୍ଣ୍ଣନା ପ୍ରକାରେ, ଯେଉଁ ମନୁଷ୍ୟ ଦାରୁବ୍ରହ୍ମରୂପୀ ଶ୍ରୀବିଗ୍ରହମାନଙ୍କର ଏହି ଦିବ୍ୟ ସ୍ୱତନ୍ତ୍ର ମହାସ୍ନାନକୁ ଭକ୍ତି ସହକାରେ ଦର୍ଶନ କରନ୍ତି ସେ ବିଷ୍ଣୁଙ୍କର ପରମପଦ ଲାଭ କରିଥାନ୍ତି ।

ମହା ନିର୍ଦ୍ଦେଶକ,
ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ, ଭାରତ
ମୋ-୯୪୩୭୨୮୧୧୦୨
ଇ-ମେଲ: drbhaskarmishra@gmail.com

# ପରିଚୟର ରାଜନୀତି

ଜାତି, ସମାଜ, ସଂପ୍ରଦାୟ ଏସବୁ ମଣିଷର ଗୋଟିଏ ଗୋଟିଏ ପରିଚୟ । ମୁଁ ଭାରତରେ ଜନ୍ମ, ମୋର ବାପା ମା ଉଭୟେ ଭାରତୀୟ, ତେଣୁ ମୁଁ ଭାରତୀୟ। ମୋର ବାପା ମା ଉଭୟେ ବଙ୍ଗାଳୀ ଓ ମୁଁ ପଶ୍ଚିମବଙ୍ଗରେ ଜନ୍ମ, ତେଣୁ ମୁଁ ବଙ୍ଗାଳୀ। ମୁଁ ଚତୁର୍ଥ ଶ୍ରେଣୀରୁ ଓଡ଼ିଶାରେ ରହିଛି, ଓଡ଼ିଆ ମାଧ୍ୟମରେ ପାଠ ପଢ଼ିଛି, ଓଡ଼ିଶାରେ ଚାକିରିବାକିରି କରିଛି, ଘରଦ୍ୱାର କରି ରହିଛି, ତେଣୁ ମୁଁ ଓଡ଼ିଆ । ମୋର ବାପା ମା ଉଭୟେ ହିନ୍ଦୁ ଓ ବ୍ରାହ୍ମଣ, ତେଣୁ ମୁଁ ହିନ୍ଦୁ ବ୍ରାହ୍ମଣ । ଏ ସବୁ ଗୁଡ଼ିକ ମୋର ଗୋଟେ ଗୋଟେ ପରିଚୟ । ମୋ ଜୀବନର ଗୋଟେ ଗୋଟେ ଅଂଶ । ସବୁ ପରିଚୟ ଏକାଠି ସହାବସ୍ଥାନ କରନ୍ତି। ଗୋଟିଏ ପରିଚୟ ସହିତ ଆରଟିର କୌଣସି ସଂଘର୍ଷ ନାହିଁ । ପ୍ରତ୍ୟେକ ପରିଚୟରେ ଅସ୍ମିତାର ଗୋଟେ ଆଙ୍ଗିକ ଥାଏ । ସେଥିରେ ବି କିଛି ସମସ୍ୟା ନାହିଁ । ସମସ୍ୟା ହେଉଛି ପରିଚୟର ଅସ୍ମିତାକୁ ଜୋରରେ ଜାବୁଡ଼ି ଧରିଲେ । ଅସ୍ମିତା ମହାର୍ଘ୍ୟ ସୁଗନ୍ଧି (ପରଫ୍ୟୁମ) ଭଳି । ଅଳ୍ପ ପରିମାଣ ଦେହରେ ଲଗେଇଲେ ଦେହ ମହକେଇବ, ନିଜକୁ ଭଲ ଲାଗିବ, ଅନ୍ୟକୁ ବି ଭଲ ଲାଗିବ । ହେଲେ ସେଥିରେ ଗାଧୋଇଲେ, ନିଜ ଦେହର ଚମଡ଼ା ଖରାପ ହେବ, ଅନ୍ୟମାନଙ୍କୁ ବି ସୁଖ ଲାଗିବ ନାହିଁ । ଅସ୍ମିତା ସେଇ ଔଷଧ ଭଳି - ଯାହା ଅଳ୍ପ ପରିମାଣରେ ଗ୍ରହଣ କଲେ ଦେହକୁ ହିତ, ଅଧିକ ହେଲେ ଅହିତ । ଅସ୍ମିତାକୁ ରବର ଭଳିଆ ଟାଣିଲେ ସେଥିରେ ସଘନ ରାଜନୀତି କରିହୁଏ କିନ୍ତୁ ତାହା ସମାଜ ଓ ଦେଶ ପାଇଁ ଆଦୌ ଶୁଭଙ୍କର ନୁହେଁ । କାରଣ ରବର ଟାଣିଲେ - କେଉଁ ଗୋଟିଏ ବିନ୍ଦୁରେ ତାହା ଆଉ ପ୍ରସାରିତ ହୋଇ ପାରିବ ନାହିଁ, ତାହା ଛିଡ଼ିଯିବ । ଏବଂ ଛିଡିଲାବେଳେ ଉଭୟ ପ୍ରାନ୍ତକୁ ଆଘାତ କରିବ ।

ରାଜନୀତି କରିବାପାଇଁ ପରିଚୟ ବଡ ସ୍ପର୍ଶକାତର ଏବଂ ସହଜ ପ୍ରସଙ୍ଗ । ପରିଚୟକୁ ନେଇ ରାଜନୀତି କରିବାପାଇଁ ଶିକ୍ଷା ଦୀକ୍ଷା ଦରକାର ନାହିଁ, କୌଣସି ପ୍ରସଙ୍ଗ ବା ସମସ୍ୟାକୁ ବୁଝିବା ପାଇଁ ଜ୍ଞାନ ଆହରଣ କରିବାର ବା ତାକୁ ବିଶ୍ଳେଷଣର କୌଣସି କ୍ଷମତା ଦରକାର ନାହିଁ, ସମାଜପାଇଁ କିଛି କରିବା ବି ଦରକାର ନାହିଁ । କେବଳ 'ଆମ ଜାତି, ସଂପ୍ରଦାୟ ବା ଧର୍ମ ପୃଥିବୀର ସବୁଠାରୁ ଭଲ ଓ ଅନ୍ୟମାନେ ଖରାପ' ବା 'ଆମ ଜାତି ବା ସଂପ୍ରଦାୟ ବା ଧର୍ମ ସଙ୍କଟରେ ଅଛି ଏବଂ ଏହାପାଇଁ ଅମକ ଅମକ ଏବଂ ଅମକ ଦାୟୀ' - ଏଇ ଜାତୀୟ କଥା ବଡ଼ ପାଟିରେ ବାରମ୍ବାର କହିପାରିଲେ, ଏହାକୁ ବିନା ଭାବନା ଚିନ୍ତାରେ ଗ୍ରହଣ କରୁଥିବା ଲୋକଙ୍କର ଏ ଦେଶରେ ଅଭାବ ନାହିଁ । ବସ୍ତୁତଃ ପୃଥିବୀର କେଉଁ ଦେଶରେ ଅଭାବ ନାହିଁ । କମ ସମୟରେ ଗୋଟେ ଭିଡ଼ ଜମା ହେଇଯିବ । ଆପଣ ଭଲ କୁହାଳିଆ ହୋଇଥିଲେ ଏ ଭିଡ଼ ଆପଣଙ୍କୁ ନେତା ବୋଲି ବି ମାନି ନେଇ ପାରେ । ଯାକୁ ହିଁ କହନ୍ତି ଆଇଡେଣ୍ଟିଟି ପଲିଟିକ୍ସ । ପରିଚୟ ରାଜନୀତି ।

ପରିଚୟ ରାଜନୀତି ଏକ ପ୍ରକାର ମାନସିକ ମାଗଣା ଖିଆ । ଯେମିତି ଆର୍ଥିକ ମାଗଣା ଖିଆ ଜଣେ ମଣିଷକୁ ଅଳସ ଏବଂ କର୍ମ ବିମୁଖ କରିଦିଏ, ସେମିତି ପରିଚୟର ରାଜନୀତି ଜଣେ ମଣିଷକୁ ବୌଦ୍ଧିକ ଭାବରେ ପଙ୍ଗୁ କରିଦିଏ । କାରଣ ଥରେ ପରିଚୟ ରାଜନୀତି ମୁଣ୍ଡ ଭିତରେ ପଶିଗଲେ ଆଉ କିଛି ଭାବିବାର ଆବଶ୍ୟକତା ନାହିଁ, କେବଳ ଗାଳିଦେବାର ଆବଶ୍ୟକତା ଅଛି। ଅନ୍ୟକୁ ନିଚ୍ଚା ଦେଖେଇବାର ଆବଶ୍ୟକତା ଅଛି। ଗାଳିଦେବାପାଇଁ କୌଣସି ପରିଶ୍ରମ ଦରକାର ହୁଏ ନାହିଁ, ଚିନ୍ତା କରିବା ଦରକାର ପଡେନାହିଁ। ଅନ୍ୟ ସବୁକ୍ଷେତ୍ରରେ ଚିନ୍ତା କରିବା ଦରକାର ପଡ଼େ । ଏକ ରୋଡମ୍ୟାପ ତିଆରି କରିବା ଦରକାର ପଡ଼େ ।



ଡ. ମୃଣାଳ ଚାଟାର୍ଜୀ

ପରିଚୟ ରାଜନୀତି ମୋଟାମୋଟି ତିନୋଟି ସୋପାନରେ କାମ କରେ ।

ପ୍ରଥମ: ଗୋଟେ ଭିଡ଼ ତିଆରି କରିବା । ଚିନ୍ତାଶୀଳ ଲୋକମାନଙ୍କ ସମାବେଶ ନୁହେଁ, ଭିଡ଼ । ଜନ ସମାବେଶ ଆଉ ଭିଡ଼ ଭିତରେ ପାର୍ଥକ୍ୟ ହେଲା - ଜନ ସମାବେଶ ଭଲ ମନ୍ଦ ବାରିପାରେ ଏବଂ ଭାବିପାରେ । ଭିଡ଼ ଭଲ ମନ୍ଦ ବାରିପାରେ ନାହିଁ କି ଭାବିପାରେ ନାହିଁ । କେବଳ ଚାଳିତ ହୋଇପାରେ ।

ଦ୍ୱିତୀୟ : ଭିଡ଼ ଭିତରେ ଏକ ଅସୁରକ୍ଷାର ଭାବ ସୃଷ୍ଟି କରିବା । ସେମାନଙ୍କୁ ଯେମିତି ଲାଗିବ ଯେ ଆମ ପରିଚୟ ସଙ୍କଟରେ; ଅନ୍ୟମାନେ ଆମ ପରିଚୟକୁ ଲୋପ କରିଦେବା ପାଇଁ ବା ଛଡ଼େଇନେବାପାଇଁ ଚେଷ୍ଟା କରୁଛନ୍ତି।

ଏବଂ ତୃତୀୟ : କିଛି ଲୋକ ବା କୌଣସି ସମ୍ପ୍ରଦାୟକୁ ଶତ୍ରୁ ଭାବେ ରେଖାଙ୍କିତ କରିଦେବା । ସେତେବେଳେ ଭିଡକୁ ଲାଗିବ ଯେ ଏଇ ଶତ୍ରୁମାନଙ୍କୁ ନିଃଶେଷ କରିଦେଲେ, ମାରିଦେଲେ, କିମ୍ବା ଅତି ନିକୁଛରେ ସେମାନଙ୍କର କ୍ଷତିକଲେ ତାଙ୍କର ଜାତି/ଗୋଷ୍ଠୀ/ସଂପ୍ରଦାୟ /ଧର୍ମ ପ୍ରତି ଦେଖାଯାଇଥିବା ସଙ୍କଟ ଟଳିଯିବ ଏବଂ ସେମାନେ ଉଚ୍ଚକୁ ଚାଲିଯିବେ । ଆଉ ଏ ଭିଡ଼ ରେଖାଙ୍କିତ କରାଯାଇଥିବା ତଥାକଥିତ ଶତ୍ରୁମାନଙ୍କ ବିରୁଦ୍ଧରେ ଲଢ଼ିବାପାଇଁ ଆଗଭର ହୋଇଯାନ୍ତି । ସେମାନଙ୍କ ମନରେ ରେଖାଙ୍କିତ ବା ଚିହ୍ନିତ ଶତ୍ରୁକୁ 'ମାରିବା' ବା ସେମାନଙ୍କର କ୍ଷତି କରିବା ସମାଜର ହିତ କରିବା ସହିତ ସମାର୍ଥକ ହେଇଯାଏ । ଏ ସମୟରେ ସେମାନେ ହିତାହିତ ଭୁଲି ଯାନ୍ତି । ପାଗଳ ଭଳି କିମ୍ବା ମୂର୍ଖଙ୍କ ଭଳି ଏ ଭିଡ ରେଖାଙ୍କିତ ଲୋକ ବା ଗୋଷ୍ଠୀ ବା ସମ୍ପ୍ରଦାୟକୁ ଘୃଣା କରନ୍ତି, ସେମାନଙ୍କୁ ଉସକେଇଥିବା ଲୋକଙ୍କୁ ସିଂହାସନରେ ଚଢ଼ାନ୍ତି । ଏଭଳି ଲୋକଙ୍କୁ ସିଂହାସନରେ ଚଢ଼େଇବାପାଇଁ ନିଜର ଜୀବନ ବି ବାଜି ଲଗେଇ ଦିଅନ୍ତି ।

ପରିଚୟ ରାଜନୀତି ଦେଶ ପାଇଁ ବିପଦଜନକ। ଯେଉଁ ସମାଜ/ସମ୍ପ୍ରଦାୟକୁ ଆଖି ଆଗରେ ରଖି କରାଯାଏ - ତା ପାଇଁ ବି କ୍ଷତିକାରକ ।

ସମାଜପାଇଁ ଯଦି ଆପଣ କିଛି କରିବାପାଇଁ ଚାହାଁନ୍ତି ତା'ର ମାପଦଣ୍ଡଟି ହେଲା ସମାଜପାଇଁ ଆପଣ କେତେ ଚିତ୍କାରକରୁଛନ୍ତି ତାହା ନୁହଁ ଅସଲ ମାପଦଣ୍ଡଟି ହେଲା ଯେ ସମାଜପାଇଁ ଆପଣ କରୁଛନ୍ତି କ'ଣ । ଯେଉଁଦିନ ଗୋଟେ ଜାତି, ଗୋଟେ ସମାଜ, ଗୋଟେ ସଂପ୍ରଦାୟ ଯୋଗ୍ୟ ନେତା ବାଛିବେ, ଜାତି ସଂପ୍ରଦାୟ ଧର୍ମକୁ ଦେଖି ନୁହଁ ତାଙ୍କ କାମକୁ ଦେଖିକି, ସେଇଦିନ ପରିଚୟ ରାଜନୀତି କରୁଥିବା ଲୋକେ ବେକାର ହେଇଯିବେ।

ଏବେ ଆପଣ ସ୍ଥିର କରନ୍ତୁ: ଆପଣ ପରିଚୟ ରାଜନୀତିର ଉପଭୋକ୍ତା ହେବେ ନା ଯୋଗ୍ୟତାର ନିର୍ମାତା ।

ନିର୍ମାଲ୍ୟ, VIP 21, ଲିଟିଲ ଓଡିଶା, ଛତାବର
752054, ଭୁବନେଶ୍ୱର ।
ମୋବାଇଲ: 9437026194
(ମତାମତ ଲେଖକଙ୍କନିଜସ୍ୱ)

# ଆସ ଓଡ଼ିଶାକୁ ଜାଣିବା

### ତପସୁ ଓ ଭଲ୍ଲିକ

ଖ୍ରୀଷ୍ଟ ପୂର୍ବ ଷଷ୍ଠ ଶତକର କଥା। ଗୌତମ ବୁଦ୍ଧ ସେତେବେଳେ ସମ୍ବୋଧି ଲାଭକରି ରାଜାୟତନ ନାମକ ବୃକ୍ଷ ତଳେ ବାକ୍ ଶୂନ୍ୟ ହୋଇ ନିସ୍ତବ୍ଧ ବସିରହିଥିଲେ। ପ୍ରାୟ ଦୁଇମାସ କାଳ ଗୌତମ ବୁଦ୍ଧ କୌଣସି ଖାଦ୍ୟ ଗ୍ରହଣ କରିନଥିଲେ। ଏହି ରାଜାୟତନ ବୃକ୍ଷଟି ଉରୁବେଳା ଜଙ୍ଗଲରେ ଥିଲା। ସେହି ସମୟରେ କଳିଙ୍ଗର ଉତ୍ତରରେ ଅବସ୍ଥିତ ଉତ୍କଳ ରାଜ୍ୟର ଦୁଇ ସାର୍ଥବାହ (ବଣିକ) ପାଞ୍ଚଶହ ଶକଟରେ ପଣ୍ୟଦ୍ରବ୍ୟ ଘେନି ମଧ୍ୟ ଦେଶକୁ ଯାଉଥିବା ବେଳେ ଉରୁବେଳା ଜଙ୍ଗଲରେ ରାଜାୟତନ ବୃକ୍ଷ ମୂଳେ ବୁଦ୍ଧଦେବଙ୍କୁ ଅତ୍ୟନ୍ତ ମ୍ରିୟମାଣ ଅବସ୍ଥାରେ ଦେଖିବାକୁ ପାଇଲେ। ଏହି ଦୁଇ ସାର୍ଥବାହଙ୍କ ନାମଥିଲା- ତପସୁ ଓ ଭଲ୍ଲିକ। ସେମାନେ ବୁଦ୍ଧଙ୍କୁ ଚାଉଳ ନିର୍ମିତ ପିଠା ଓ ମଧୁ ଖାଇବାକୁ ଦେବାରୁ ବୁଦ୍ଧଦେବଙ୍କ ଜୀବନ ରକ୍ଷା ହୋଇପାରିଲା। ତହୁଁ ପରିତୃପ୍ତ ବୁଦ୍ଧ ଅତ୍ୟନ୍ତ ପ୍ରୀତ ହୋଇ ତପସୁ ଓ ଭଲ୍ଲିକଙ୍କ ସମକ୍ଷରେ ନିଜର ଜ୍ଞାନ ଓ ଧର୍ମନୀତି ବ୍ୟାଖ୍ୟା କରିଥିଲେ। ଏହି କଥା 'ଅଙ୍ଗୁଭରନିକାୟ' ନାମକ ପ୍ରସିଦ୍ଧ ବୌଦ୍ଧଗ୍ରନ୍ଥ ରେ ଉଲ୍ଲେଖ ରହିଛି ଓ ଏହି ତପସୁ ଓ ଭଲ୍ଲିକ ଙ୍କୁ ପ୍ରଥମ ବୌଦ୍ଧ ଧର୍ମାବଲମ୍ବୀ ଭାବେ ବୌଦ୍ଧ ଇତିହାସ ରେ ଗ୍ରହଣ କରାଯାଇଛି। ଅଙ୍ଗୁଭରନିକାୟ ର ବର୍ଣ୍ଣନା କହେ- ତତ୍ପରେ ତପସୁ ଓ ଭଲ୍ଲିକ ଙ୍କୁ ବୁଦ୍ଧଦେବ ନିଜର କେଶ କର୍ତ୍ତନ କରି ଆଠ ଅଞ୍ଜଳି କେଶ ପ୍ରଦାନ କରିଥିଲେ ଏବଂ ସେହି ସେହି ସାର୍ଥବାହ ଦ୍ୱୟ ସେହି ଆଠ ଅଞ୍ଜଳି କେଶକୁ ପବିତ୍ର ସ୍ମାରକୀ ରୂପେ ଉତ୍କଳ ଜନପଦର 'ଅସିତାଞ୍ଜନ' ନଗର କୁ ଆଣି ସେଠାରେ ସୁନ୍ଦର ଚୈତ୍ର ନିର୍ମାଣ କରିଥିଲେ। ବୌଦ୍ଧ ଇତିହାସ କହେ ପରବର୍ତ୍ତୀ ସମୟରେ ତପସୁ ଜଣେ ଦେବାଟକ ଉପାସକ ରୂପେ ଓ ଭଲ୍ଲିକ ଜଣେ ଅର୍ହତ ରୂପେ ସମୟ କାଟିଥିଲେ ଏବଂ ବୌଦ୍ଧ ଧର୍ମ କୁ ଲୋକପ୍ରିୟ କରିବାରେ ସହାୟକ ହୋଇଥିଲେ।

### ଉତ୍କଳର ବସସ ଓ ଭଞ୍ଜ ଜାତି ଏବଂ ବୌଦ୍ଧ ଧର୍ମ

ଗୌତମ ବୁଦ୍ଧଙ୍କ ସମୟରେ ଉତ୍କଳ ପ୍ରଦେଶରେ ବସସ ଓ ଭଞ୍ଜ ଜାତିର ଲୋକମାନେ ଥିଲେ ଏବଂ ସେମାନେ ପୁରାଣ କାଶ୍ୟପ ନାମକ ଜଣେ ପଣ୍ଡିତଙ୍କ ଦ୍ୱାରା ପ୍ରଚାରିତ 'ଅଙ୍କରିଆବାଦ' ବା (ଅକ୍ରିୟାବାଦ) ର ସମର୍ଥକ ଥିଲେ। ଅକ୍ରିୟାବାଦ କହେ- ପୃଥିବୀରେ ଘଟୁଥିବା ସମସ୍ତ ଘଟଣା ପଛରେ କାରଣ ନଥାଇ ପାରେ, ତେଣୁ ପ୍ରତ୍ୟେକ ଘଟଣା ପଛର କାରଣ ଖୋଜିବା ନିରର୍ଥକ ଅଟେ। ମାତ୍ର ବୁଦ୍ଧ କହୁଥିଲେ " କାରଣ ନଥାଇ କୌଣସି ଘଟଣା ସମ୍ଭବ ନୁହେଁ।" ବୌଦ୍ଧଗ୍ରନ୍ଥ ଅଙ୍ଗୁଭରନିକାୟ ଓ ବୁଦ୍ଧ ଘୋଷ ବିରଚିତ 'ମନୋରଥ ପୁରାଣି' ରେ ଉଲ୍ଲେଖ ଅଛିକି- ଜେତବନ ଠାରେ ବୁଦ୍ଧଦେବ କାରଣ ପର୍ଯ୍ୟବେସିତ ନିଜର ନୀତିକୁ ବିଶ୍ଳେଷଣ କରି ପୁରାଣ କାଶ୍ୟପ ଙ୍କର ଅକ୍ରିୟା ମତବାଦ କୁ ଖଣ୍ଡନ କରିଥିଲେ। ଏକଥା ମଧ୍ୟ ମହାସଭାଭିଷେକ ସୂତ୍ରରୁ ଜଣାପଡେ। ତହୁଁ ଉତ୍କଳ ଜନପଦର ବସସ ଓ ଭଞ୍ଜ ଜାତିର ଲୋକମାନେ ପୁରାଣ କାଶ୍ୟପଙ୍କ ଅକ୍ରିୟାବାଦରୁ ଆସ୍ଥା ତୁଟାଇ ବୁଦ୍ଧଦେବଙ୍କ ପ୍ରଚାରିତ କ୍ରିୟାବାଦ କୁ ଗ୍ରହଣ କରିଥିଲେ ଓ ବୁଦ୍ଧଙ୍କ ଶିଷତ୍ୱ ଗ୍ରହଣ କରିଥିଲେ।



ଚନ୍ଦ୍ରବିଜୟୀ ମିଶ୍ର

### ରାଜା ବ୍ରହ୍ମଦତ୍ତ

ସୁପ୍ରସିଦ୍ଧ ବୌଦ୍ଧଗ୍ରନ୍ଥ ଦାଠା ଧାତୁବଂଶ ରୁ ଜଣାଯାଏ ଯେ ବୁଦ୍ଧଙ୍କ ମହାପରିନିର୍ବାଣ ସମୟରେ ଖ୍ରୀଷ୍ଟ ପୂର୍ବ ୪୮୭ରେ କଳିଙ୍ଗ ର ରାଜା ଥିଲେ ବ୍ରହ୍ମଦତ୍ତ। କୁଶିନାରା ଠାରେ ବୁଦ୍ଧଙ୍କ ଶରୀର ଦାହ ହେବା ସମୟରେ 'ଯେଗ' ନାମକ ଜଣେ ଥେର(ବୌଦ୍ଧଭିକ୍ଷୁ) ଚିତାନଳ ମଧ୍ୟରୁ ବୁଦ୍ଧଙ୍କର ବାମକଳ ଦନ୍ତଧାତୁ ଆଣି ରାଜା ବ୍ରହ୍ମଦତ୍ତଙ୍କୁ ରାଜଦରବାର ରେ ପ୍ରଦାନ କରିଥିଲେ। ରାଜା ବ୍ରହ୍ମଦତ୍ତ ସେହି ଦନ୍ତର ସଂରକ୍ଷଣ ନିମନ୍ତେ ରାଜଧାନୀ ଦନ୍ତପୁରରେ ଏକ ସୁନ୍ଦର ଚୈତ୍ର ନିର୍ମାଣ କରିଥିଲେ।ରାଜା ବ୍ରହ୍ମଦତ୍ତଙ୍କ ପରେ ତାଙ୍କ ପୁତ୍ର କାଶୀରାଜ ଓ ତତ୍ପରେ କାଶୀରାଜ ଙ୍କ ପୁତ୍ର ସୁନନ୍ଦ ଏହି ଦନ୍ତ ଧାତୁକୁ ଗଭୀର ଭକ୍ତି ଓ ସମ୍ମାନର ସହ ସୁରକ୍ଷିତ ରଖିଥିଲେ। ତେବେ ଇତିହାସ କହେ ସେହି ସମୟରେ କଳିଙ୍ଗର ପ୍ରଧାନ ଧର୍ମ ଥିଲା ମହାବୀର ଙ୍କ ପ୍ରଚାରିତ ଜୈନଧର୍ମ ଏବଂ କାଳିଙ୍ଗଜୀବ(ବୋଧହୁଏ ଋଷଭନାଥ) ଥିଲେ କଳିଙ୍ଗର ପ୍ରଧାନ ଉପାସ୍ୟ ଦେବତା। ତଥାପି ସବୁ ଧର୍ମକୁ ସମ୍ମାନ ପ୍ରଦର୍ଶନ କରିବା ଓ ଧାର୍ମିକ ସଂହତି ଭିତ୍ତିରେ ଶୃଙ୍ଖଳିତ ଭାବେ ରାଷ୍ଟ୍ର ଜୀବନକୁ ଧାରଣ କରିବା ସେତେବେଳେ କଳିଙ୍ଗ ରାଜନୀତିର ମୁଖ୍ୟ ନୀତି ଥିଲା ବୋଲି ଅନୁମାନ କରାଯାଏ।

### ତୈତିଳକ ଜନପଦ

ଗୌତମ ବୁଦ୍ଧଙ୍କ ସମସାମୟିକ ଆଉ ଜଣେ ଯୁଗାନ୍ତକାରୀ ବ୍ୟକ୍ତିତ୍ୱ ହେଲେ ସୁପ୍ରସିଦ୍ଧ ସଂସ୍କୃତ ବୈୟାକରଣିକ ପାଣିନୀ। ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ ଅଷ୍ଟାଧ୍ୟାୟୀ ରୁ ଜଣାପଡେ। ସେ ସମୟରେ କଳିଙ୍ଗର ପଶ୍ଚିମାଞ୍ଚଳରେ ଏକ ନୂତନ ଜନପଦ (ରାଜ୍ୟ) ଗଢି ଉଠିଥିଲା, ଯାହାର ନାମ ଥିଲା ତୈତିଳକ ଜନପଦ। ଐତିହାସିକ ମାନେ ଏହି ତୈତିଳକ ଜନପଦକୁ ଆଧୁନିକ ଟିଟିଲାଗଡ (ବଲାଙ୍ଗୀର ଜିଲ୍ଲା) ସହ ଚିହ୍ନିତ କରିଅଛନ୍ତି। ଅଷ୍ଟାଧ୍ୟାୟୀ ଗ୍ରନ୍ଥ କହେ, ସେ ସମୟରେ ତୈତିଳକ ଜନପଦ ଗଣ୍ଡାର ଚମଡା ରପ୍ତାନୀ ନିମନ୍ତେ ପ୍ରସିଦ୍ଧ ଥିଲା। ଆମେ ଜାଣୁ ସୋନପୁର ଓ କଳାହାଣ୍ଡିରୁ ପ୍ରାପ୍ତ ପ୍ରାଚୀନ ରୌପ୍ୟ ମୁଦ୍ରା ମାନ ସେ ସମୟରେ ସେହି ଅଞ୍ଚଳ ଗୁଡ଼ିକର ଅର୍ଥନୈତିକ ପ୍ରଗତିର ସ୍ପଷ୍ଟ ଚିତ୍ର ପ୍ରଦାନ କରିଥାନ୍ତି। ତେବେ ଖ୍ରୀଷ୍ଟପୂର୍ବ ଷଷ୍ଠ ରୁ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀ ମଧ୍ୟରେ ତୈତିଳକ ଜନପଦ ର ବ୍ୟାପ୍ତି ଆଜିର କଳାହାଣ୍ଡି, ନୂଆପଡା, ଟିଟିଲାଗଡ ଓ ସୋନପୁର ଅଞ୍ଚଳକୁ ନେଇ ଗଠିତ ହୋଇଥିବା ସମ୍ବନ୍ଧେ ଐତିହାସିକ ମାନେ ଅନୁମାନ କରିଥାନ୍ତି।

# LEGENDARY BAISIPAHACHA AND ITS SIGNIFICANCE

Pramoda Chandra Pattanayak

Temple complex is an important structure of immense significance. Entering through the Lions Gate of the temple of Lord Jagannath, a devotee has to cross over the Baisipahacha before reaching for the darshan of the Trinity on the Ratnabedi. Since my childhood, I have been wondering about some peculiar scenes on the Baisipahacha, whenever I had gone for a darshan. First thing, I noticed that some devotees make their kids to roll over the Baisipahacha from up to the down. At times devotees themselves also roll on in the similar fashion. Next common scenes noticed that people offering PINDA on the Baisipahacha. By the passing of time when I grew older, desired to clarify myself on these scores from some of the servitors of the temple complex. But their answers were very casual and didn't satisfy me. Thus I developed a curiosity about it. So I had to go through some literature to get an idea. The sum and substance of my effort to get myself clarified is presented in infra.

First of all, I want to present here the legend behind the construction of Baisipahacha. But before coming to the legend proper let me clarify the definition of the word "legend". The Chamber's English Dictionary states the word legend as traditional story, untrue or unhistorical story, real or fictional body of facts or fictions gathered round a person so on and so forth. This shows that the legend may be a fact or a fiction. Often stress is given on the later part than the former. In this regard I want to draw kind attention of the readers to the deliberation in the last Indian Science Congress on a topic, I suppose, would be relevant.

The last Indian Science Congress was held in Mumbai in 2015. There was a deliberation on the topic entitled 'Ancient Indian sciences through Sanskrit'. Taking parts in the deliberations some Indian scientists expressed their views that ancient Indian scientist were much more advanced in the field of science and technology, namely aviation technology, missiles and rocketry. intercontinental ballistic missiles, medicines and surgery like inter species transplants and human cloning so on and so forth. However some scientists including the scientists from NASA (USA) strongly opposed this view with the argument that the above descriptions in different Indian scriptures found their places as stunts in order to create interest for the readers which may be termed as legends or mythology. Obviously this created an air of dispute. BB Singh, a retired scientist of Bhava Atomic Research Centre clarified this situation citing an example of a scientific event of recent past. Ian Willmut and his team of Rosalin Institute, Scotland stunned this world with their report of cloning a ewe (female sheep), dolly, out of a somatic cell (udder). But their reports which appeared either in shape of news item or as a write up did not carry the detail technical aspects of their project. Of course, the technicality involved in the project appeared in the famous international journal, NATURE (issue no. 380) in 1996. A time may come in distant future when this scientific achievement may be termed as a stunt only and the scientist may be termed as a pseudo scientist. Again there are sufficient reasons of non availability of the technical details of those scientific achievements of antiquity First of all, during the period of achievements, in question, there was no written language to preserve it. Secondly the secrets of scientific achievements were only transferred traditionally in Guru-Sishya mode. As such ancient scientific achievements like the birth of Ganesh out of Parvati's sweat probably mixed with shreds of somatic cells and transplant of head of an elephant on his head or the Pushpak Viman of Ravan and other achievements or any other events in that respect found in Indian scriptures should not be discarded out right now. The purpose of presenting the above paragraph is that the legend concerning the construction of the Baisipahacha may not be construed as a simple mythological story.

Now coming to the legend of the Baisipahacha I had gathered the following event. Raja Bhanu Dev (1264-1278) was issue less. Time rolled on. At some point of time the king appeared to be unhappy about it. So the king wanted to go for penance for atonement before Lord Jagannath thinking his peril due to some sinful act of his previous birth. He wanted the counseling of au fait, Rajguru. Rajguru advised the king to go for penance before the deity of God Jameshwar instead of the Lord Jagannath. King Bhanudev accepted the counseling of Rajguru and went for penance before the God Jameswar for quite some days with dedication. Often such decisions are seer intuitions which cannot explain the logic behind it but yields desired results. However that happened in case of the king Bhanudev. One may term it as a jure divine. At Last the king was granted his wish and in due course of time he was blessed




with a son. Happiness of the royal couple knew no bound. There was a grand royal festival for the name giving ceremony of the would be prince. The royal astrologer was summoned for the occasion. The entire palace complex was buzzing with the royal staff engaged with the gaiety of the grand feast and witnessing various entertaining programme. The royal couple with their newly borne baby were busy with the astrologer to listen a suitable name for the would be prince and the future prospects through the horoscope, a palm leaf written with his future. The royal astrologer on study of the stars of the baby declared that the life span of the would be prince is only twenty two years. This soothsaying shocked the royal couple and it was a bolt from the blue for them. The news spread like a wild fire to the palace and the kingdom at large. The bonjour did not end in bonsoir. The king lost his peace of mind. He decided to go for penance again before the god Jameswar. Without food and water the king went for penance for days together. God Jameshwar being pleased with the dedication and sincerity in taking of the penance of the king Bhanudev, voiced to construct twenty two steps on the entrance to the temple through the Lions Gate before reaching the main temple so as to get extended life of the baby. It was a great relief for the king and he ordered to start the construction work forthwith. While the construction of the work was going on in full swing the workers faced an obstacle to which they couldn't tackle. Arush of water came from below while excavating for putting the stone for the eleventh step. Thus the construction couldn't progress. The matter was taken to the notice of the king who visited the spot without delay. He himself was convinced that application of every possible method by the artisans failed to check the flow of the water and the work came to a standstill. The king after spending some days in pensive mood again decided to go for blessings of god Jameswar and this time the king was advised to have a bath in the sacred water of Mahodadhi (sea at Pur), early in the morning and the first thing noticed by him after his bath should be picked and put in place of water hole. The king in obedience to this divine order went for the bath. There after he prayed god Jameswar. On opening the eyes, miraculously the king found a big piece of laterite stone right in front of his eyes. He immediately ordered to his workers to carry it to the work site. The rush of water was stopped the moment the stone was put over the water whole. Thus the construction of the Baisipahacha could be completed. Since the Baisipahacha was related to the long life, the devotees have a faith that rolling over the Baisipahacha, long life would be granted or untimely death could be prevented. Yet other opinions exist. One gets dusts of feet (padaraja) of innumerable devotees passing over the Baisipahacha which is considered blessings for the person. Of course this is said to be a symbol of total submission before the god. Now coming to the structural aspect of Baisipahacha first of all I want to inform the readers that presently there is discrepancy on the number of steps which is less than twenty two. I have questioned a few servitors on this regard during my visits to which answers were very casual. But one logical and acceptable answer was that the temple complex have undergone a number of savages and salvages since its initial construction during which some steps might have been decayed, dipped, destroyed or disappeared in ad interim. However, each step now, in situ, measures seventy feet in length with a width of six feet and height of eight inches. The Baisipahacha carry a lot of significance and divinity. First of all, the Baisipahacha is considered very sacred in Hindu philosophy as it represents total number of feet of ten avatars of the last millennium. Some philosophers opine that a devotee before reaching the sanctum sanctorum for a darshan of the Trinity he has to cross over the Ashta Baikuntha, Viz baikuntha, parubyoma baikuntha, sesasat balkuntha, garvodaksal baikuntha, swetadwipa baikuntha, kaibalya baikuntha, karanannaba baikuntha and kalasha baikuntha for the first eight steps. Then rest fourteen steps relate to fourteen bhubans which are again divided into two parts, martya and patala. The martya bhubans are bhu, bhurba swah, mahah, Jana, tapah and satya whereas patala bhubans consist of atala sutala, bitala, talatala, mahitala, rasatala and patala. Another philosophy is that Lord Jagannath is the symbol of bhagabata. As such the Baisipahacha is symbolic of the twelve chapters of bhagabata with ten doctrines (tatwa) it contains. Those are Vasudeva, Nrusingha, Ramakrishna, Shridevi, Bhudevi, Govinda, Narayana, Madanamohana, Bimala and Bhubaneswari. Thus it is advocated that to get the darshan of Lord Jagannath one has to get an intimate contact with Baisipahacha which enhances the eagerness and devotion of the devotee to get the darshan. It is also said that Baisipahacha washes away the sin gathered either by commission or omission. The people of Jain sect believe that the twenty two steps are the symbols of their twenty two Tirthankars. Some other philosophy states that a devotee has to give up twenty two prakrit before getting the darshan of Lord Jagannath. These prakritis are five Kamendriya and five Gyanendriya with Panchamana i.e. mana, amana, bimana, kumana and sumana and seven bikars which are kama, (lust) krodha (anger), moha (emotions), lova(greed), ahankar (pride), Irsha (jealousy) and ghruna (hatred). Yet another philosophy exists. It is believed that there are twenty two sacred places of pilgrimages in the world and Baisipahacha represents each one of them. Again there are twenty two theological doctrines and twenty two emotional states of life to which Baisipahacha represents. Some philosophers advocate Baisipahacha to be conglomeration of pancharasa, ashtatatwikabhaba, tribija, trishakti and triguna Thus Baisipahacha carries a lot of philosophical significances besides the legend on construction. It is probably a prelude for the devotees to have a change of the state of mind from the material world to devotional state before reaching for the darshan. As regards the pinda dana for the forefathers on the Baisipahacha on the annual death ceremony, there is a belief that one gets away with the evil influence, if any, by offering pinda on the Baisipahacha. Thus Baisipahacha has immense theosophical values for the devotees. There may be many more events of significance and legends on Baisipahacha. However the information submitted above may compliment or supplement to the knowledge of the readers.

678- Laxmisagar,
Bhubaneswar-6.

---

ନୀତିଶିକ୍ଷା



# ଦୁର୍ମୂଲ୍ୟ ପଥର

ଭବତୋଷ ତ୍ରିପାଠୀ

ଦିନେ ଜଣେ ରାଜା ତାଙ୍କ ରାଜ ପ୍ରାସାଦରେ ଥିବା ରାଜକୋଷ ଦେଖାଇବାକୁ ଜଣେ ସାଧୁଙ୍କ ଆମନ୍ତ୍ରଣ କଲେ । ସାଧୁ ଯେତେବେଳେ ଆସି ପ୍ରାସାଦରେ ପହଞ୍ଚିଲେ, ରାଜା ତାଙ୍କ ରାଜକୋଷର କ୍ଷୁଦ୍ର ପ୍ରକୋଷ୍ଠ ଖୋଲି ସେଥରେ ଗଚ୍ଛିତ ବହୁ ମୂଲ୍ୟବାନ ହୀରା ଓ ଦୁର୍ମୂଲ୍ୟ ପଥର ସବୁ ଦେଖାଇଲେ । ସାଧୁ ମନ୍ତବ୍ୟ ଦେଲେ, "ବାଃ! ଆପଣଙ୍କ ନିକଟରେ ତ ଅଗଣିତ ମୂଲ୍ୟବାନ ପଥର ଅଛି । ବାସ୍ତବରେ ସେଗୁଡ଼ିକ ଆପଣଙ୍କୁ କ'ଣ ପ୍ରଦାନ କରନ୍ତି ? " ରାଜା ଓଲଟା ପ୍ରଶ୍ନ କଲେ, "ଗୋଟିଏ ପଥର ସମ୍ଭବତଃ କ'ଣ ବା ଲୋକଙ୍କୁ ଦେଇପାରେ ?" ସାଧୁ କହିଲେ, "ବୋଧହୁଏ କିଛି ଆନନ୍ଦ ?"

" ନା, ସେଗୁଡ଼ିକ ଆନନ୍ଦ ଦେବା ପରିବର୍ତେ ଅଧିକ ବୋଝ ହୋଇ ପଡ଼ନ୍ତି । ମୁଁ ସଦାସର୍ବଦା ଭୟ କରୁଛି ଯେ କିଏ କାଳେ ସେଗୁଡ଼ିକ ଚୋରି କରିନେବ ତେଣୁ ସେଗୁଡ଼ିକୁ ତାଲା ପକାଇ ରଖୁଛି । ସେଥିପାଇଁ ମତେ ତା'ର ଜଗାରଖା କରିବା ପାଇଁ ଜଗୁଆଳୀ ରଖି ଅର୍ଥ ଦେବାକୁ ପଡୁଛି । ଯେହେତୁ ପଥର ଗୁଡ଼ିକ ଦୁର୍ମୂଲ୍ୟ ମୁଁ ଜଣେ ରାଜକୋଷ ରକ୍ଷକ ଓ ଜଣେ ରାଜ ଜହୁରୀ ନିୟୋଜନ କରିଛି" ।

ସାଧୁ ଜଣକ ଏହା ଶୁଣି ହସିଲେ ଏବଂ କହିଲେ, "ମୋ ସହ ଆସନ୍ତୁ ମୋ କୁଟୀରକୁ ଯିବା । ମୁଁ ଆପଣଙ୍କୁ ଦୁଇଟି ସୁନ୍ଦର ପଥର ଦେଖାଇବି, ଯାହା ମତେ ଖୁବ୍ ଆନନ୍ଦ ଦିଏ। ଯାହାକୁ ରଖିବା ପାଇଁ ମୋତେ ତାଲା ପକାଇବାକୁ ପଡ଼େନାହିଁ ।"

କୌତୂହଳ ହୋଇ ରାଜା ସାଧୁଙ୍କ ସାଙ୍ଗରେ ତାଙ୍କ କୁଟୀରକୁ ଯିବାକୁ ସ୍ଥିର କଲେ । ସେମାନେ ଯେତେବେଳେ କୁଟୀରରେ ପ୍ରବେଶ କଲେ, କୁଟୀର ପ୍ରାଙ୍ଗଣରେ ପଥର ଦୁଇଟି ଦେଖି ରାଜା ଆଶ୍ଚର୍ଯ୍ୟ ହୋଇଗଲେ । ସେ ଅବଗତ ହେଲେ ଯେ ସାଧୁ ଯେଉଁ ପଥର ବିଷୟରେ କହୁଥିଲେ, ତାହା ଏକ ପେଷାଚକି ଥିଲା, ଯାହା ଗହମ ପେଷିବା ପାଇଁ ବ୍ୟବହାର କରାଯାଏ ।

" ହଁ, ଏଗୁଡ଼ିକ ମୋର ମୂଲ୍ୟବାନ ପଥର । ପ୍ରତିଦିନ ଏମାନେ ମୋତେ ମୋର ସୁନ୍ଦର ସ୍ୱାସ୍ଥ୍ୟ ରକ୍ଷା କରିବାରେ ସାହାଯ୍ୟ କରନ୍ତି । କାରଣ ଗହମ ପେଷିବା ଗୋଟିଏ ଚମତ୍କାର ବ୍ୟାୟାମ ଏବଂ ଏ ଚକିଦ୍ୱାରା ପ୍ରସ୍ତୁତ ହେଉଥିବା ପୁଷ୍ଟିକର ଏବଂ ସ୍ୱାସ୍ଥ୍ୟକର ଗହମ ଚୂନା ମୋର ଶାରୀରିକ ବଳ ପୋଷଣ ପାଇଁ ଅତ୍ୟାବଶ୍ୟକ । ମୁଁ ଯେତେବେଳେ ଗହମ ପେଷେ, ଦେଖେ ଯେ ଉପର ପଥରଟି ଘୂରୁଛି ଏବଂ ତଳ ପଥରଟି ସ୍ଥିର ରହିଛି ତାହା ମୋତେ ସୂଚାଇ ଦିଏ ଯେ ଯଦିଓ ଆମ ଶରୀର ସଦା ସର୍ବଦା ଚଳନଶୀଳ ଏବଂ ଦିନେ ମୃତ୍ୟୁ ବରଣ କରିବ କିନ୍ତୁ ଆତ୍ମା ସର୍ବଦା ସ୍ଥିର, ଅଟଳ ।

ମର୍ମବାଣୀ : ଲୋକମାନେ ବହୁ ଜିନିଷ ରଖନ୍ତି । ସମୟ ସମୟେ ସେମାନେ ବହୁ ଅର୍ଥ ବ୍ୟୟ କରନ୍ତି ଏବଂ ଧାର କରଜ ମଧ୍ୟ କରନ୍ତି ସେଗୁଡ଼ିକୁ ପାଇବା ପାଇଁ । ଆମେ କେବେ ସେ ବସ୍ତୁ ଗୁଡ଼ିକର ପ୍ରକୃତ ମୂଲ୍ୟ ବିଷୟରେ ବିଚାର କରିଛୁ କି ? ଯଦି ଆମକୁ ସେଗୁଡ଼ିକ ଅକ୍ଷୁଣ୍ଣ ରଖିବା ପାଇଁ ଅଶେଷ ଅର୍ଥ ଓ ସମୟ ଅପଚୟ କରିବାକୁ ପଡ଼େ, ତେବେ ତା' ବଦଳରେ ସେଗୁଡ଼ିକରୁ ଆମେ କେତେ ଆନନ୍ଦ ପାଉ ?

ଏପରି ବସ୍ତୁ ରଖ ଯାହା ପ୍ରକୃତ ଉପକାରୀ ଓ କମ୍ ଖର୍ଚ୍ଚରେ ମିଳେ । ଏବଂ ଆଗରୁ ତୁମ ନିକଟରେ ଯାହା ଗଚ୍ଛିତ ଅଛି ତା'କୁ ବ୍ୟବହାର କର ।

ପାର୍ବତୀପୁର, ପୁରୀ
ମୋ:୯୦୯୦୧୭୨୧୬୭

---


## ॥ ଓଁ ଶ୍ରୀ ଦୁର୍ଗାମାଧବାଭ୍ୟାଂ ନମଃ ॥



ପଣ୍ଡିତ ଶ୍ରୀ ପଦ୍ମନାଭ ତ୍ରୀପାଠୀ ଶର୍ମା
ଶ୍ରୀ ଲୋକନାଥ ରୋଡ, ହାତୀଶାଳ
ପୁରୀ : ୭୯୭୮୪୬୪୬୩୯




**ମେଷ ରାଶି:** ଏହି ମାସଟି ଆପଣଙ୍କର କିଛି ଅଶୁଭ ରହିପାରେ। ଶରୀର ଅସୁସ୍ଥ ହୋଇପାରେ। ଆୟ ଠାରୁ ବ୍ୟୟ ଅଧିକ ହୋଇପାରେ। ପାରିବାରିକ ଜୀବନରେ ଅଶାନ୍ତି ଦେଖାଦେବ। ବ୍ୟବସାୟରେ କ୍ଷତି ହେବ। ବିଦ୍ୟାର୍ଥୀମାନେ ପଢ଼ାରେ ଅବହେଳା କରିବେ।

**ବୃଷ ରାଶି:** ଏହି ମାସଟି ଆପଣଙ୍କର ପ୍ରାୟ ଅଶୁଭ ରହିବ। ଶରୀରପୀଡ଼ା ଦେଖାଦେବ। ଆୟ ବ୍ୟୟ ପ୍ରାୟ ସମାନ ରହିବ। ପାରିବାରିକ ଜୀବନରେ କିଛି ଦୁଃଖ ରହିଛି। ବ୍ୟବସାୟରେ ଭଲ ଲାଭ ହେବ ନାହିଁ। ବିଦ୍ୟାର୍ଥୀମାନେ ପଢ଼ାରେ ପଛେଇଯାଇପାରନ୍ତି।

**ମିଥୁନ ରାଶି:** ଏହି ମାସଟି ଆପଣଙ୍କର ସେତେ ଶୁଭଦାୟକ ରହିବନାହିଁ। ଶରୀର ଅସୁସ୍ଥ ହୋଇପାରେ। ଆୟ ସେତେ ଭଲ ହେବନାହିଁ। ପାରିବାରିକ ଜୀବନରେ କିଛି ଖୁସି ରହିଛି। ବ୍ୟବସାୟରେ ଲାଭ କ୍ଷତି ସମାନ ରହିବ। ବିଦ୍ୟାର୍ଥୀମାନେ ପଢ଼ାରେ ମଧ୍ୟମ ଫଳ ପାଇବେ।

**କର୍କଟ ରାଶି:** ଏହି ମାସଟି ଆପଣଙ୍କର ସାମାନ୍ୟ ଶୁଭଦାୟକ ରହିବ। ଦେହ ସୁସ୍ଥ ରହିବ। ଆୟ ମଧ୍ୟମ ହେବ। ପାରିବାରିକ ଜୀବନରେ ଖୁସି ପାଇବେ। ବ୍ୟବସାୟରେ ଅଳ୍ପ ଲାଭ ପାଇବେ। ବିଦ୍ୟାର୍ଥୀମାନେ ପଢ଼ାରେ ସୁଫଳ ପାଇବେ।

**ସିଂହ ରାଶି:** ଏହି ମାସଟି ଆପଣଙ୍କର ଶୁଭ ରହିଛି। ଦେହ ଭଲ ରହିବ। ଆୟ ଉତ୍ତମ ହେବ। ପାରିବାରିକ ଜୀବନରେ ସୁଖ ରହିଛି। ବ୍ୟବସାୟରେ ଭଲ ଲାଭ ହେବ। ବିଦ୍ୟାର୍ଥୀମାନେ ପଢ଼ାପଢ଼ିରେ ଉଚ୍ଚଫଳ ପାଇବେ।

**କନ୍ୟା ରାଶି:** ଏହି ମାସଟି ଆପଣଙ୍କର ଶୁଭ ରହିବ। ଦେହ ପ୍ରାୟ ଭଲ ରହିବ। ଆୟ ଭଲ ହେବ। ପାରିବାରିକ ଜୀବନରେ ସୁଖସମୃଦ୍ଧି ପାଇବେ। ବ୍ୟବସାୟରେ ଲାଭ ପାଇବେ। ବିଦ୍ୟାର୍ଥୀମାନେ ପଢ଼ାପଢ଼ିରେ ସୁଫଳ ପାଇବେ ଓ ଆଗେଇବେ।

**ତୁଳା ରାଶି:** ଏହି ମାସଟି ଆପଣଙ୍କର ସେତେ ଶୁଭ ନୁହେଁ। ଦେହ ସାମାନ୍ୟ ଅସୁସ୍ଥ ରହିପାରେ। ଆୟ ସାମାନ୍ୟ ରହିଛି। ପାରିବାରିକ ଜୀବନରେ ଅଶାନ୍ତି ହୋଇପାରେ। ବ୍ୟବସାୟରେ ଲାଭ କ୍ଷତି ପ୍ରାୟ ସମାନ। ବିଦ୍ୟାର୍ଥୀମାନେ ପଢ଼ାରେ ପରିଶ୍ରମ କରିବେ।

**ବିଛା ରାଶି:** ଏହି ମାସଟି ଆପଣଙ୍କର ସାମାନ୍ୟ ଶୁଭଦାୟକ ରହିବ। ଦେହ ଅସୁସ୍ଥ ହୋଇପାରେ। ଆୟ ସେତେ ଭଲ ହେବନାହିଁ। ପାରିବାରିକ ଜୀବନରେ ଖୁସି ପାଇବେ। ବ୍ୟବସାୟରେ ଅଳ୍ପ ଲାଭ। ବିଦ୍ୟାର୍ଥୀମାନେ ପଢ଼ାରେ ଅବହେଳା କରିବେ।

**ଧନୁ ରାଶି:** ଏହି ମାସଟି ଆପଣଙ୍କର ଅଶୁଭ ରହିପାରେ। ଦେହ ଅସୁସ୍ଥ ହୋଇପାରେ। ଆୟ କମ ହେବ। ପାରିବାରିକ ଜୀବନରେ କିଛି ଦୁଃଖ ଅନୁଭବ କରିବେ। ବ୍ୟବସାୟରେ ଲାଭ ସେତେ ହେବନାହିଁ। ବିଦ୍ୟାର୍ଥୀମାନେ ପଢ଼ାରେ ମନ ଦେବେନାହିଁ।

**ମକର ରାଶି:** ଏହି ମାସଟି ଆପଣଙ୍କର ଶୁଭଦାୟକ ରହିଛି। ଦେହ ଭଲ ରହିବ। ଆୟ ଉତ୍ତମ ହେବ। ପାରିବାରିକ ଜୀବନରେ ଖୁସି ରହିଛି। ବ୍ୟବସାୟରେ ଉତ୍ତମ ଲାଭ ହେବ। ବିଦ୍ୟାର୍ଥୀମାନେ ପଢ଼ାରେ ଆଗେଇବେ।

**କୁମ୍ଭ ରାଶି:** ଏହି ମାସଟି ଆପଣଙ୍କର ସେତେ ଶୁଭ ନୁହେଁ। ଦେହ କିଛି ଅସୁସ୍ଥ ରହିପାରେ। ଆୟ ସେତେ ହେବ ନାହିଁ। ପାରିବାରିକ ଜୀବନରେ କିଛି ଅଶାନ୍ତି ହୋଇପାରେ। ବ୍ୟବସାୟରେ ଅଳ୍ପ ଲାଭ। ବିଦ୍ୟାର୍ଥୀମାନେ ପଢ଼ାରେ ଅବହେଳା କରିପାରନ୍ତି।

**ମୀନ ରାଶି:** ଏହି ମାସଟି ଆପଣଙ୍କର ସାମାନ୍ୟ ଶୁଭଦାୟକ ରହିଛି। ଦେହ ପ୍ରାୟ ଭଲ ରହିବ। ଆୟ ଅଳ୍ପ ପରିମାଣରେ ହେବ। ପାରିବାରିକ ଜୀବନରେ କିଛି ଦୁଃଖ ରହିପାରେ। ବ୍ୟବସାୟରେ କମ ଲାଭ ହେବ। ବିଦ୍ୟାର୍ଥୀମାନେ ପଢ଼ାରେ ମନଯୋଗ କମ ଦେବେ।






# ନରେନ୍ଦ୍ର କୋଣ ସ୍ଥିତ ବାବା ବାଲିକପିଳେଶ୍ୱର ମନ୍ଦିରରେ ଶୀତଳ ଷଷ୍ଠୀ







ପୁରୀ: ନରେନ୍ଦ୍ର କୋଣ ସ୍ଥିତ ବାବା ବାଲିକପିଳେଶ୍ୱର ମନ୍ଦିରରେ ଶ୍ରୀଜିଉଙ୍କ ଦେବ ବିବାହ ନୀତି ଅନୁଷ୍ଠିତ ହୋଇଯାଇଅଛି। ଏହି ଦେବ ବିବାହ ନୀତିରେ ଗିରିରାଜ ନନ୍ଦିନୀ ମା' ପାର୍ବତୀଙ୍କ ପକ୍ଷରୁ ପିତା ରୂପରେ ନିରଞ୍ଜନ ପତି ଓ ତ୍ରିଭୁବନେଶ୍ୱର ମହାଦେବଙ୍କ ପିତା ରୂପରେ ରାମଚନ୍ଦ୍ର ରଥଙ୍କ ଦ୍ୱାରା ଉମା ପରିଣୟ ନୀତି ସମ୍ପୂର୍ଣ୍ଣ ହୋଇଥିଲା । ଭକ୍ତମାନେ ମହାଆଡମ୍ବରରେ ଦେବ ବିବାହ ଅଂଶ ଗ୍ରହଣ କରି ପ୍ରସାଦ ସେବନ କରିଥିଲେ। ବାବା ବାଲିକପିଳେଶ୍ୱର ଓ ମା ପାର୍ବତୀ ସୁସଜ୍ଜିତ ବୃଷବ ବାହନରେ ବିଜେ କରି ନଗର ପରିକ୍ରମା (ଗୁଆଲି) ଯାତ୍ରା ରେ ବିଭିନ୍ନ ଭକ୍ତ ମାନଙ୍କ ଦୁଆରରେ ପନ୍ତି ଭୋଗ ଅନୁଷ୍ଠିତ ହୋଇଥିଲା ଓ ସୁସଜ୍ଜିତ ପଟୁଆରରେ ଶ୍ରୀ ମନ୍ଦିର ଯାଇ ହରିହର ଭେଟ ନୀତି ସମାପନ କରି ନିଜସ୍ୱ ଦେଉଳକୁ ବାହୁଡ଼ି ଆସିଥିଲେ। ଏହି ଶୀତଳଷଷ୍ଠୀ କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ବାବା ବାଲିକପିଳେଶ୍ୱର ମନ୍ଦିର ଟ୍ରଷ୍ଟ ତରଫରୁ ଟ୍ରଷ୍ଟି ରାଜେଶ କୁମାର ମହାନ୍ତି, ନିରଞ୍ଜନ ପତି, ଶ୍ୟାମ ପ୍ରକାଶ ସେନାପତି, ମନୁ ଓଝା, ନାରାୟଣ ପାତ୍ର, ସତ୍ୟବ୍ରତ ଦାସ, ଶ୍ୟାମ ସୁନ୍ଦର ସାହୁ, ନିରଞ୍ଜନ ମହାରଣା, ବାବୁଲି ପ୍ରଧାନ ,ନୃସିଂହ ଚରଣ ଦାସ, ଭବାନୀ ପଣ୍ଡା, ସାଇ ମହାପାତ୍ର, ରିତେଶ କୁମାର ମହାନ୍ତି, ଦିବ୍ୟ ପ୍ରକାଶ ସୁବୁଦ୍ଧି, ପ୍ରଶାନ୍ତ କୁମାର ସାହୁ, ପୁଷ୍କର ସାହୁ, ସତ୍ୟ ନାରାୟଣ ମହାରଣା,ପୂର୍ଣ୍ଣ ଚନ୍ଦ୍ର ଓଝା , ପୂର୍ଣ୍ଣ ଚନ୍ଦ୍ର ସାହୁ, ରାବଣ ରାଓ ପ୍ରଭୃତି ଯୋଗ ଦେଇଥିଲେ।

# ରଥଯାତ୍ରା ପ୍ରସ୍ତୁତି ନେଇ ଛତିଶା ନିଯୋଗ ସହ ସମନ୍ୱୟ ବୈଠକ

ପୁରୀ: ଆଗାମୀ ବିଶ୍ୱ ପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା- ୨୦୨୬କୁ ସୁରକ୍ଷିତ, ଶୃଙ୍ଖଳିତ ଏବଂ ସୂଚାରୁ ଭାବେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ପୁରୀ ପୋଲିସ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ପୁରୀ ଏସ୍‌ପି ଶ୍ରୀ ପ୍ରତୀକ ସିଂଙ୍କ ନେତୃତ୍ୱରେ ଛତିଶା ନିଯୋଗର ସଦସ୍ୟମାନଙ୍କ ସହ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆସନ୍ତା ରଥଯାତ୍ରା ସମୟରେ ଭକ୍ତମାନଙ୍କ ସୁବିଧା, ସୁରକ୍ଷା ଓ ସୁଚାରୁ ଦେଇଥିଲେ। ପୁରୀ ଏସ୍‌ପି ଶ୍ରୀ ପ୍ରତୀକ ସିଂ କହିଥିଲେ ଯେ, ରଥଯାତ୍ରା ସମୟରେ ଲକ୍ଷାଧିକ ଶ୍ରଦ୍ଧାଳୁ ପୁରୀରେ ସମାଗମ କରିଥାନ୍ତି। ସେମାନଙ୍କ ସୁରକ୍ଷା, ସୁବିଧା ଓ ସୁଚାରୁ ଦର୍ଶନ ନିଶ୍ଚିତ କରିବା ପୁରୀ ପୋଲିସର ପ୍ରାଥମିକତା। ସେ ଆହୁରି କହିଥିଲେ ଯେ, ରଥଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରାଯିବା ସହିତ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା ଓ ଜନସଚେତନତା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ରଥଯାତ୍ରାକୁ ସଫଳ ଓ ଶାନ୍ତିପୂର୍ଣ୍ଣ କରିବା ପାଇଁ




ଦର୍ଶନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା। ବିଶେଷକରି ବଡ଼ଦାଣ୍ଡରେ ଭିଡ଼ ନିୟନ୍ତ୍ରଣ, ଦର୍ଶନ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ ଓ ସେବାୟତମାନଙ୍କ ସହ ସୁଚାରୁ ସମନ୍ୱୟ ନେଇ ଗଭୀର ଆଲୋଚନା ହୋଇଥିଲା। ଏହି ବୈଠକରେ ଛତିଶା ନିଯୋଗ ନାୟକ ଶ୍ରୀ ଜନାର୍ଦ୍ଦନ ପଟ୍ଟଯୋଶୀ ମହାପାତ୍ର ଉପସ୍ଥିତ ଥିଲେ। ସେ ରଥଯାତ୍ରା ସମୟରେ ସେବାୟତମାନଙ୍କ ଭୂମିକା, ପାରମ୍ପରିକ ନୀତିକାନ୍ତି ଓ ଭକ୍ତମାନଙ୍କ ଦର୍ଶନ ସୁବିଧା ବିଷୟରେ ନିଜ ମତାମତ ରଖିଥିଲେ। ସେ ପୁରୀ ପୋଲିସ ସହ ସମ୍ପୂର୍ଣ୍ଣ ସହଯୋଗ ଓ ସମନ୍ୱୟର ଆଶ୍ୱାସନ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କରିଥିଲେ। ଏହି ବୈଠକରେ ପୁରୀ ପୋଲିସର ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସମସ୍ତେ ମିଳିତ ଭାବେ ରଥଯାତ୍ରା ୨୦୨୬ କୁ ଶୃଙ୍ଖଳିତ, ସୁରକ୍ଷିତ ଓ ସଫଳ କରିବା ପାଇଁ ସମନ୍ୱିତ ପ୍ରୟାସ ଜାରି ରଖିବାକୁ ସଙ୍କଳ୍ପବଦ୍ଧ ହୋଇଥିଲେ। ପୁରୀ ପୋଲିସ ରଥଯାତ୍ରା- ୨୦୨୬ ପାଇଁ ସମସ୍ତ ପ୍ରସ୍ତୁତିକୁ ସୁଚାରୁ ଭାବରେ ଆଗେଇ ନେଉଛି ଏବଂ ଏହି ବିଶ୍ୱ ପ୍ରସିଦ୍ଧ ପର୍ବକୁ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ଭାବରେ ସମ୍ପନ୍ନ କରିବାକୁ ପ୍ରତିବଦ୍ଧ।

# 'ଦୁଇ ବର୍ଷର ସଫଳତା ସମୀକ୍ଷା ରିପୋର୍ଟ' ଉନ୍ମୋଚିତ

ପୁରୀ: ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୁରୀରେ 'ବିକାଶର ଧାରା ଓଡ଼ିଶା ସାରା' ଅଧୀନରେ ରାଜ୍ୟସ୍ତରୀୟ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ-୨୦୨୬ ଆୟୋଜିତ ହୋଇଯାଇଛି। ଏଥିରେ ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାର ସହରାଞ୍ଚଳରେ ହୋଇଥିବା ରୂପାନ୍ତରଣକାରୀ ପଦକ୍ଷେପଗୁଡ଼ିକ

## ସହରାଞ୍ଚଳ ଜନସମ୍ପର୍କ, ନାଗରିକ ସହଭାଗିତା କାର୍ଯ୍ୟକ୍ରମ

ଉପରେ ଆଲୋଚନା କରାଯାଇଛି। ବିଭାଗୀୟ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସହରୀ ଭିତ୍ତିଭୂମି, ଗୃହନିର୍ମାଣ, ଯାତାୟାତ, ପାନୀୟ ଜଳ ଯୋଗାଣ, ପରିମଳ ଓ ଡିଜିଟାଲ ଶାସନ କ୍ଷେତ୍ରରେ ପୁଞ୍ଜିନିବେଶ ମାଧ୍ୟମରେ ସ୍ୱଚ୍ଛ, ସ୍ମାର୍ଟ, ଅଧିକ ସମାବେଶୀ ଓ ସୁଦୃଢ଼ ସହର ଗଠନ ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ଉପରେ ଆଲୋକପାତ କରିଛନ୍ତି। ପୁରୀକୁ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ ଆଧାରରେ ସାମିଲ କରାଯିବା ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି, ପୁରୀ ସହରରେ ଏକ ହଜାରରୁ ଉର୍ଦ୍ଧ୍ୱ ଆସନ ବିଶିଷ୍ଟ ଆଧୁନିକ କନଭେନସନ ହଲ ନିର୍ମାଣ କରାଯିବ। ରାଜ୍ୟର ୫୦ଟି ସହରାଞ୍ଚଳକୁ ମୁଖ୍ୟମନ୍ତ୍ରୀ



ସ୍ମାର୍ଟ ଯୋଜନାରେ ସାମିଲ କରାଯିବ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସହରୀ ପଦକ୍ଷେପଗୁଡ଼ିକୁ ନେଇ ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ପିଏମ୍ ସ୍ୱନିଧି, ପିଏମ୍‌ଏୱାଇ, ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ମିସନ ଶକ୍ତି ଦ୍ୱାରା ପରିଚାଳିତ ଜଳସାଥୀ କାର୍ଯ୍ୟକ୍ରମ, କ୍ୟୁଟ୍, ଆମ ବସ୍, ଓଡ଼ିଶା ଯାତ୍ରୀ, ଷ୍ଟ୍ରିଟ୍ ଲାଇଟ୍, ବର୍ଜ୍ୟବସ୍ତୁ ପରିଚାଳନା, ଗରିମା, ସହଯୋଗ ନାଗରିକ ସେବା ଓ ଡିଜିଟାଲ ଶାସନ ସଂସ୍କାର ସାମିଲ ଥିଲା। ଉଠା ଦୋକାନୀ, ପିଏମ୍‌ଏୱାଇ ହିତାଧିକାରୀ, ପାନୀୟ ଜଳ ଗ୍ରାହକ ଓ ସହରୀ ଭିତ୍ତିଭୂମିର ଉପଭୋକ୍ତାଙ୍କ ସମେତ ବିଭିନ୍ନ ଯୋଜନାର ହିତାଧିକାରୀମାନେ ସଫଳତାର କାହାଣୀ ଓ ଅନୁଭୂତି ବାଣ୍ଟିଥିଲେ। ହିତାଧିକାରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜଳସାଥୀ ଓ ସହରୀ ପାନୀୟ ଜଳ ପ୍ରକଳ୍ପର ହିତାଧିକାରୀମାନଙ୍କ ସହ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ଜଳସାଥୀ ଓ ସ୍ୱଚ୍ଛ ସାଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର 'ଦୁଇ ବର୍ଷର ସଫଳତା ସମୀକ୍ଷା ରିପୋର୍ଟ' ଉନ୍ମୋଚିତ ହୋଇଥିଲା। ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ କ୍ୟୁଆର୍ କୋଡ୍-ଆଧାରିତ ସର୍ବସାଧାରଣ ଅଭିଯୋଗ, ମତାମତ ଓ ପରାମର୍ଶ ପ୍ଲାଟଫର୍ମର ଆରମ୍ଭ କରାଯାଇଛି। ଲୋକମାନେ ସିଧାସଳଖ ସହରୀ ସେବା ସମ୍ବନ୍ଧରେ ନିଜର ମତାମତ ଦେଇପାରିବେ ଓ ଅଭିଯୋଗ ପଞ୍ଜିକରଣ କରିପାରିବେ। ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ସହର ଗଠନ ପାଇଁ ରୋଡମ୍ୟାପ୍ ଭିତ୍ତିକ ଚଳଚ୍ଚିତ୍ର 'ଫ୍ୟୁଚର ଅର୍ବାନ ଓଡ଼ିଶା- ଭିଜନ ୨୦୩୬ ଓ ୨୦୪୭' ର ସ୍କ୍ରିନିଂ ହୋଇଥିଲା। କାର୍ଯ୍ୟକ୍ରମରେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତିଙ୍କ ସମେତ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅଧିକାରୀ, ମିସନ ଶକ୍ତିର ସଦସ୍ୟା, ବିଭିନ୍ନ ସହରୀ ଯୋଜନାର ହିତାଧିକାରୀ ଏବଂ ସମଗ୍ର ଅଞ୍ଚଳର ନାଗରିକମାନେ ଯୋଗଦେଇଥିଲେ। ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଧନ୍ୟବାଦ ଦେଇଥିଲେ। ପିଏମ୍‌ସି କମିସନର ସ୍ନେହା ଅରୁଗୁଳା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ବିନୟ କୁମାର ଦାଶ ଯୋଗ ଦେଇଥିଲେ।

# ସ୍ନାନ ପୂର୍ଣ୍ଣିମାରେ ପିଠା ମିଠା ବାଣ୍ଟି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜନ୍ମୋତ୍ସବ ପାଳନ କଲା ଉତ୍କଳ ବିଦ୍ୱତ୍ ପରିଷଦ



ପୁରୀ: ଜ୍ୟେଷ୍ଠ ପୂର୍ଣ୍ଣିମା ବା ସ୍ନାନ ପୂର୍ଣ୍ଣିମା ଆମ ସମସ୍ତଙ୍କ ପ୍ରାଣ ଓ ପରିଚୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶୁଭ ଜନ୍ମଦିନ ଭାବେ ପାଳିତ ହୁଏ। ସ୍କନ୍ଦ ପୁରାଣ, ନୀଳାଦ୍ରୀମହୋଦୟଃ ଆଦି ଗ୍ରନ୍ଥ ରେ ସ୍ୱୟଂ ମହାପ୍ରଭୁ ନିଜ ଜନ୍ମ ଦିନ ବିଷୟରେ କହିଛନ୍ତି :- "ଜ୍ୟେଷ୍ଠ ମାସ ଅମାବାସ୍ୟା ଦିନ ସ୍ୱୟଂଭୁବ ମନୁ ଏକ ଯଜ୍ଞ ଆରମ୍ଭ କରିଥିଲେ ,ଉକ୍ତ ଯଜ୍ଞ ବେଦୀ ରେ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଅବତୀର୍ଣ୍ଣ ହୋଇଥିଲି । ତେଣୁ ଜ୍ୟେଷ୍ଠ ମାସର ପୂର୍ଣ୍ଣିମା ହେଉଛି ମୋର ଜନ୍ମ ଦିବସ ।"

ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଏମାର ମଠ ଚକଡାରେ ବିଶ୍ୱବନ୍ଦିତ ମହାପ୍ରଭୁଙ୍କ ଜନ୍ମୋତ୍ସବକୁ ପିଠା ଓ ମିଠା ବଣ୍ଟନ କରି ଭକ୍ତି ଓ ସେବାର ସହ ପାଳନ କରିଛନ୍ତି ଉତ୍କଳ ବିଦ୍ୱତ୍ ପରିଷଦ। ପରିଷଦର ସଭାପତି ମନୋଜ ରଥଙ୍କ ଉପସ୍ଥିତିରେ ପୁରୀ ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ ମହାରାଜ, ମହିପ୍ରକାଶ ମଠ ମହନ୍ତ ସୁଭାନନ୍ଦ ପୁରୀ ମହାରାଜ ଉଦ୍‌ଘାଟନ କରିଥିଲେ। ସେବା, ସମର୍ପଣ ଓ ସମ୍ବେଦନାର ମାଧ୍ୟମରେ ମହାପ୍ରଭୁଙ୍କ ଜନ୍ମୋତ୍ସବ ପାଳନ କରିବା ସହିତ ନିଜ ନିଜ ଅଂଚଳରେ ମହାପ୍ରଭୁଙ୍କ ଜନ୍ମଦିନକୁ ମହୋତ୍ସବ ରୂପରେ ପାଳିବା ପାଇଁ ତ୍ରିଭାସୀ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା। ଶହ ଶହ ସଂଖ୍ୟାରେ ଆରିସା ପିଠା ବଣ୍ଟନ ଭକ୍ତ ମାନଙ୍କୁ ଆକୃଷ୍ଟ କରିଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀ ଜିତେନ୍ଦ୍ର ମହାପାତ୍ର , ପଣ୍ଡିତ ପଦ୍ମନାଭ ତ୍ରିପାଠୀ , ଅଧିବକ୍ତା କୃଷ୍ଣ ଚନ୍ଦ୍ର ଦାସ , ରାଜେଶ ମହାନ୍ତି , ସୁକାନ୍ତ ପଣ୍ଡା , ଶିବ ସୁନ୍ଦର ମିଶ୍ର , ଶ୍ୟାମ ସୁନ୍ଦର ମହାପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିଜୟକୃଷ୍ଣ ବ୍ରହ୍ମା , କମଳାକାନ୍ତ ଆଚାର୍ଯ୍ୟ, ରଂଜେସ ସାହୁ ,ରାମଚନ୍ଦ୍ର ସାହୁ , ଚନ୍ଦ୍ରକାନ୍ତ ଜେନା , ପ୍ରଦୀପ ସ୍ୱାଇଁ , ନିରଞ୍ଜନ ନାୟକ ଓ ଲକ୍ଷ୍ମୀପ୍ରିୟା ସାହୁ।



ରୋଟାରୀ କ୍ଲବ ଅଫ୍ ଶ୍ରୀଜଗନ୍ନାଥ ଧାମ ପକ୍ଷରୁ ବରିଷ୍ଠ ଗୀତିକାର ଡ. ବଦ୍ରି ମିଶ୍ରଙ୍କୁ ସମ୍ମାନିତ କରାଯାଉଛି



ବିଜୁ ଜନତା ଦଳରେ ବିଧିବଦ୍ଧ ଭାବେ ଯୋଗଦାନ ପରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ କଲେ ପୂର୍ବତନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶ୍ରୀମତୀ ସୁଜାତା ରାଉତ

## ପୁରୀବାସୀଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ସୁବିଧା ଦାବି

# ଶ୍ରୀମନ୍ଦିରକୁ ଧସେଇ ପଶିଲେ ଆଇନଜୀବୀ

ପୁରୀ: ଶ୍ରୀମନ୍ଦିର ପୁରୀ ଲୋକଙ୍କ ଗାଁ ମନ୍ଦିର । ଶ୍ରୀଜିଉମାନେ ସେମାନଙ୍କ ଗାଁ ଦେବତା । ତେଣୁ ପୁରୀବାସୀଙ୍କୁ ଶ୍ରୀମନ୍ଦିରକୁ ପ୍ରବେଶ କରିବାର ସ୍ୱତନ୍ତ୍ର ସୁବିଧା ମିଳୁ । ଅନ୍ୟ ଯାତ୍ରୀଙ୍କ ଭଳି ସେମାନଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କଷ୍ଟ ଦିଆନଯାଉ । ଏହି ଦାବିରେ ଶ୍ରୀମନ୍ଦିର ବାହାର

## 'ଶ୍ରୀମନ୍ଦିର ପୁରୀଆଙ୍କ ଗାଁ ମନ୍ଦିର'

ସୁରକ୍ଷା ବ୍ୟାରିକେଡ୍ ଜଂଘନ କରିଛନ୍ତି ପୁରୀ ଓକିଲ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ। ପୁଲିସ ଅଟକାଇବାକୁ ଚେଷ୍ଟା କରିଥିଲେ ହେଁ ଓକିଲଙ୍କ ଜିଦ୍ ଆଗରେ ବିଫଳ ହୋଇଥିଲା।

ପୁରୀ ଓକିଲ ସଂଘ ସଭାପତି ପ୍ରେମାନନ୍ଦ ମହାନ୍ତି ଓ ସାଧାରଣ ସମ୍ପାଦକ ଶରତ ରାୟଗୁରୁଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା କଚେରି ଛକରୁ ବାହାରିଥିଲା। ଶ୍ରୀ ରାୟଗୁରୁ କହିଛନ୍ତି, ଶ୍ରୀମନ୍ଦିରରେ ନିର୍ବିଘ୍ନରେ ପ୍ରବେଶ ସ୍ଥାନୀୟ ଲୋକଙ୍କ ଅଧିକାର। ଏହି ଅଧିକାରକୁ ପ୍ରଶାସନିକ ନିର୍ଦ୍ଦେଶ ଛଡ଼ାଇ ପାରିବ ନାହିଁ। ପ୍ରତ୍ୟେକ ପୁରୀବାସୀ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରନ୍ତି, ନଚେତ୍ ମାଳ, ମହାପ୍ରାସଦ, ନିର୍ମାଲ୍ୟ ନେଇ ଆସନ୍ତି । ଅନେକ ମୁକ୍ତିମଣ୍ଡପର ପରାମର୍ଶ ପାଇଁ ଯାଆନ୍ତି। କାମ ସାରି ଶୀଘ୍ର ଚାଲି ଆସନ୍ତି। ଅନେକ ମହାପ୍ରଭୁଙ୍କୁ ତାଙ୍କ ଘର ଉତ୍ସବରେ ସାମିଲ ହେବା ନିମନ୍ତେ ନିମନ୍ତ୍ରଣ ଦେବାକୁ ଯାଆନ୍ତି। ମାତ୍ର କିଛି ବର୍ଷ ହେବ ଯାତ୍ରୀ ବଢୁଥିବା ଓ ଅନ୍ୟ ଆଳ ଦେଖାଇ ପୁରୀବାସୀଙ୍କ ନିର୍ବିଘ୍ନ ଶ୍ରୀମନ୍ଦିର ପ୍ରବେଶ ଉପରେ କଟକଣା ଲଗାଯାଇଛି। ଏଥିଯୋଗୁ ପୁରୀବାସୀଙ୍କ ଭାବାବେଗକୁ କୁଠାରାଘାତ ହୋଇଛି । ଅନ୍ୟସ୍ଥାନରୁ ଶ୍ରୀଜିଉଙ୍କ ଦର୍ଶନ ନିମନ୍ତେ ଆସୁଥିବା ଯାତ୍ରୀଙ୍କ ଭଳି ପୁରାବାସୀଙ୍କୁ ମଧ୍ୟ ଶ୍ରୀମନ୍ଦିର ପ୍ରବେଶ କଟକଣାର ସମ୍ମୁଖୀନ ହେବାକୁ ପଡୁଛି। ଏଥିଯୋଗୁ ପୁରୀବାସୀ କଷ୍ଟ ପାଉଛନ୍ତି।

ଏନେଇ ଶ୍ରୀ ମହାନ୍ତି କହିଛନ୍ତି, ଭିଡ଼କୁ




ଦୃଷ୍ଟିରେ ରଖି ପୁରୀବାସୀଙ୍କ ପାଇଁ ପ୍ରଶାସନ ପୂର୍ବରୁ ମଧ୍ୟ ପଶ୍ଚିମ ଦ୍ୱାରରେ ଆଧାର କାର୍ଡ ଦେଖାଇ ପ୍ରବେଶ ବ୍ୟବସ୍ଥା କରିଥିଲା। ହେଲେ ଚାରିଦ୍ୱାର ଖୋଲିବା ପରେ ଏହାକୁ ହଠାତ୍ ବନ୍ଦ କରିଦିଆଯାଇଛି। ଫଳରେ ପୁରାବାସୀ ଶ୍ରୀମନ୍ଦିରକୁ ପ୍ରବେଶ ନିମନ୍ତେ ବ୍ୟାରିକେଡ୍ ଭିତରେ ଦହଗଞ୍ଜ ହେଉଛନ୍ତି। ବ୍ରତଘର, ବାହାଘର, କାନଫୋଡ଼ା ପ୍ରଭୃତି ଉତ୍ସବରେ ମହାପ୍ରଭୁଙ୍କ ଶର୍ଙ୍ଗଳିବାରେ ସମସ୍ୟା ହେଉଛି। ମାଳ, ମହାପ୍ରସାଦ ଆଣିବାରେ ବ୍ୟାରିକେଡ୍‌ରେ ଅପେକ୍ଷା ବାଧୁଛି। ଭିଆଇପି,ରାଜନେତା, ଧନୀ ଶ୍ରେଣୀ ଓ ପ୍ରଶାସନିକ କର୍ମଚାରୀଙ୍କ ପରିବାର ସ୍ୱତନ୍ତ୍ର ଶ୍ରୀମନ୍ଦିର ପ୍ରବେଶ ସୁବିଧା ପାଉଥିବା ବେଳେ ପୁରୀବାସୀଙ୍କୁ କିନ୍ତୁ ସେମାନଙ୍କ ମୂଳ ଅଧିକାର ମିଳୁନି। ପଶ୍ଚିମ ଦ୍ୱାରଠାରୁ ବଡ଼ଦେଉଳ ଭିତର ପର୍ଯ୍ୟନ୍ତ ଗଳାବାଟ କରାଯାଇଛି। ଶ୍ରୀମନ୍ଦିରରେ ସହଜ ପ୍ରବେଶ ନିମନ୍ତେ ଲାଞ୍ଚ ଓ ଟଙ୍କା କାରବାର ଚାଲିଛି। ଏହି ନୀତି ବନ୍ଦ ହେଉନି। ଆଇନ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିର ଗାର ହୋଇଛି। ପୁରୀବାସୀଙ୍କ ଦର୍ଶନ ସୁବିଧା ପାଇଁ ଓକାକୁ ଦାୟିତ୍ୱ ଦିଆଯାଇଥିବା କହି ମନ୍ତ୍ରୀ ସମୟ ଗଡ଼ାଇବାକୁ ଚାହୁଁଛନ୍ତି। ତେଣୁ ପୁରୀ ଓକିଲ ସଂଘର ଶତାଧିକ ଓକିଲ ସଦସ୍ୟମାନେ କଚେରି ଛକରୁ ଶୋଭାଯାତ୍ରାରେ ଆସି ପଶ୍ଚିମ ଦ୍ୱାର ପାଖେ ପହଞ୍ଚିଥିଲେ। ପୁରୀ ବାସୀଙ୍କ ସ୍ୱତନ୍ତ୍ର ଶ୍ରୀମନ୍ଦିର ପ୍ରବେଶ ଦାବି କରି ପୁଲିସ ଜଗିଥିବା ବ୍ୟାରିକେଡ୍ ଲଂଘନ କରି ଧସେଇ ପଶିଥିଲେ ବୋଲି ସେ କହିଛନ୍ତି।

ଏଥିରେ ଆଇନଜୀବୀ ଆଦିତ୍ୟ ମିଶ୍ର, ସୋମନାଥ ଦାସ, ବିଜୟ ମିଶ୍ର, ପ୍ରଦୀପ ଦାସ, କଣ୍ଠବାର ମହାପାତ୍ର, ସୋମନାଥ ରଣା, ରମେଶ ପ୍ରଧାନ, ବିଜୟ ସାହୁ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ରଞ୍ଜିତା ମହାନ୍ତି, ଜୀବେଶ ରଥ, ସୂର୍ଯ୍ୟ ନାରାୟଣ ଓ୍ୱାଇଁ ମହାପାତ୍ର, ଜୟନ୍ତ ମହାପାତ୍ର, ପ୍ରଫୁଲ୍ଲ ମିଶ୍ର, ଶିବ ଶଙ୍କର ପ୍ରଧାନ, ସେନାପତି ପ୍ରମୁଖ ସାମିଲ ହୋଇଥିଲେ।




କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଜନ୍ମଦିନ ଅବସରରେ ସିଂହଦ୍ୱାର ଠାରେ ମହାପ୍ରଭୁ ଙ୍କ ନିକଟରେ ପୂଜାର୍ଚ୍ଚନା କରି ସୁସ୍ଥ ଓ ଦୀର୍ଘାୟୁ ଜୀବନ କାମନା କଲେ ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀ ଓ ବିଜେପି କର୍ମୀ




ଝାଡ଼େଶ୍ୱରୀ କ୍ଲବର ବାର୍ଷିକ ଉତ୍ସବ ରେ ଯୋଗଦେଇ ବିଭିନ୍ନ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ମାନିତ କଲେ ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀ



ରଥଯାତ୍ରା–୨୦୨୬ ପାଇଁ ପୁରୀ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ରଥଯାତ୍ରାର ସୁରକ୍ଷା, ଆଇନଶୃଙ୍ଖଳା ଓ ଭକ୍ତମାନଙ୍କ ନିରାପତ୍ତା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରୁଛନ୍ତି। ଏହି ଅବସରରେ ପୁଲିସର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ନିର୍ବିଘ୍ନ ଓ ସୁରକ୍ଷିତ ରଥଯାତ୍ରା ଆୟୋଜନ ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ଆଲୋଚନା କରିଥିଲେ।

## ଆନ୍ଧ୍ରପ୍ରଦେଶ କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ

# ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ



ବିଜୟନଗରମ/ଆନ୍ଧ୍ରପ୍ରଦେଶ: ଆନ୍ଧ୍ରପ୍ରଦେଶର କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ ଗରିମାମୟ ପରିବେଶରେ ଅନୁଷ୍ଠିତ ହୋଇଛି। ଏହି ଐତିହାସିକ ଉତ୍ସବରେ ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଫଳ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଏସ୍. ଅବଦୁଲ ନଜିର, ରାଜ୍ୟର ମାନବ ସମ୍ବଳ ବିକାଶ ମନ୍ତ୍ରୀ ନାରା ଲୋକେଶ, ମହିଳା, ଶିଶୁ ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଗୁମ୍ମିଡି ସନ୍ଧ୍ୟାରାଣୀ, ବିଶ୍ୱବିଦ୍ୟାଳୟର କୁଳାଧିପତି ମଦନ ଲାଲ ମୀନା ଏବଂ କୁଳପତି ପ୍ରଫେସର ଟି. ଶ୍ରୀନିବାସନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ୨୦୨୩ ମସିହାରେ ବିଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସର ଶିଳାନ୍ୟାସ କରାଯାଇଥିବାବେଳେ ଅନୁଷ୍ଠାନର ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀଙ୍କୁ ସମାବର୍ତ୍ତନରେ ଡିଗ୍ରୀ ପ୍ରଦାନ କରାଯିବା ବିଶ୍ୱବିଦ୍ୟାଳୟର ସଫଳ ଅଗ୍ରଯାତ୍ରାର ଏକ ଐତିହାସିକ ମାଇଲଖୁଣ୍ଟ ବୋଲି ବର୍ଣ୍ଣନା କରାଯାଇଥିଲା। ବକ୍ତାମାନେ କହିଥିଲେ ଯେ, କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟ ଭାରତର ଜାତୀୟ ଶିକ୍ଷା ନୀତି-୨୦୨୦ର ମୂଳ ଆଦର୍ଶକୁ ପ୍ରତିଫଳିତ କରୁଛି। ଏହା ଜନଜାତି ସମୁଦାୟର ପାରମ୍ପରିକ ଜ୍ଞାନ, ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ ସହ ଯୁବପିଢ଼ିଙ୍କୁ ଆଧୁନିକ ଜ୍ଞାନ, ଦକ୍ଷତା ଓ ନେତୃତ୍ୱ ପାଇଁ ପ୍ରସ୍ତୁତ କରୁଛି। ସମାବର୍ତ୍ତନରେ ଡିଗ୍ରୀ ଲାଭ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କୁ ଉତ୍କର୍ଷ ସାଧନ ସହ ଦେଶର ବିକାଶରେ ସକ୍ରିୟ ଭୂମିକା ଗ୍ରହଣ କରି 'ବିକଶିତ ଭାରତ' ଗଠନରେ ଅବଦାନ ରଖିବାକୁ ଆହ୍ୱାନ ଜଣାଯାଇଥିଲା। ସେହିସହ ବିଶ୍ୱବିଦ୍ୟାଳୟର ନିରନ୍ତର ଉନ୍ନତି ଓ ସଫଳତା ପାଇଁ ଶୁଭେଚ୍ଛା ଜଣାଯାଇଥିଲା।

# ସେଚେଲ୍ସର ୫୦ତମ ସ୍ୱାଧୀନତା ଦିବସ ସମାରୋହରେ ଯୋଗ ଦେଲେ ପ୍ରଧାନମନ୍ତ୍ରୀ

ସେଚେଲ୍ସ: ସେଚେଲ୍ସର ମହାମହିମ ରାଷ୍ଟ୍ରପତି ଡଃ ପାଟ୍ରିକ୍ ହର୍ମିନିଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସେଚେଲ୍ସର ୫୦ତମ ସ୍ୱାଧୀନତା ଦିବସ ପୂର୍ତ୍ତି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି। ସେଚେଲ୍ସର ସ୍ୱାଧୀନତା ଦିବସ ସମାରୋହରେ ଯୋଗ ଦେଇଥିବା ସେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଭାରତ ଏବଂ ସେଚେଲ୍ସ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୫୦ ବର୍ଷ ପୂର୍ତ୍ତି ପାଳନ କରାଯାଉଥିବାବେଳେ ଏହି ସ୍ୱାଧୀନତା ଦିବସ ସମାରୋହ ଅନୁଷ୍ଠିତ ହେଉଛି। ଏହି ସ୍ୱତନ୍ତ୍ର ଅବସରକୁ ସ୍ମରଣୀୟ କରିବା ନିମନ୍ତେ ସେଚେଲ୍ସ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ପାଳନ ସମାରୋହରେ ଆୟୋଜିତ ଜାତୀୟ ପରେଡରେ ଭାରତୀୟ ସଶସ୍ତ୍ର ବାହିନୀର ଏକ ପ୍ରତିନିଧି ଦଳ ଅଂଶଗ୍ରହଣ କରିଥିଲା। ଭାରତୀୟ ପ୍ରତିନିଧି ଦଳରେ ଆସାମ ରାଇଫଲ୍ସ, ଭାରତୀୟ ନୌସେନା ଏବଂ ଭାରତୀୟ ନୌସେନା ମାର୍ଚ୍ଚିଂ ବ୍ୟାଣ୍ଡର କର୍ମଚାରୀ ସାମିଲ ଥିଲେ, ଯାହା ଦୁଇ ଦେଶ ମଧ୍ୟରେ ଥିବା ଦୀର୍ଘଦିନର ପ୍ରତିରକ୍ଷା ସହଭାଗିତାକୁ ପ୍ରତିଫଳିତ କରେ। ଏହି ଉତ୍ସବର ଏକ ଅଂଶ ସ୍ୱରୂପ ଏବଂ ପ୍ରଚଳିତ ପରମ୍ପରା ଅନୁଯାୟୀ, ଭାରତୀୟ ନୌସେନାର ଯୁଦ୍ଧଜାହାଜ 'ତର୍କଶ' ଏବଂ 'ଇକ୍ଷକ' ପୋର୍ଟ ଭିକ୍ଟୋରିଆରେ ପହଞ୍ଚିଛନ୍ତି। ଏହି ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ଅଂଶଗ୍ରହଣ ଦୁଇ ଦେଶ ମଧ୍ୟରେ ଥିବା ଗଭୀର ସହଭାଗିତା ଏବଂ ଦୀର୍ଘଦିନର ବନ୍ଧୁତାକୁ ରେଖାଙ୍କିତ କରେ।




## ବିଲାୱଲ୍‌ଙ୍କ ଚେତାବନୀ

# ସିନ୍ଧୁ ଜଳ ରୋକିଲେ ପରମାଣୁ ଯୁଦ୍ଧ

ଇସଲାମାବାଦ: ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ସିନ୍ଧୁ ଜଳ ଚୁକ୍ତି ବିବାଦ ଏବେ ଗମ୍ଭୀର ମୋଡ଼ ନେଇଛି। ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି)ର ଅଧ୍ୟକ୍ଷ ବିଲାୱଲ୍ ଭୁଟ୍ଟୋ ଏହି ପ୍ରସଙ୍ଗରେ ସିଧାସଳଖ ପରମାଣୁ ଯୁଦ୍ଧର ଆଶଙ୍କା ପ୍ରକଟ କରି ଭାରତକୁ ଚେତାବନୀ ଦେଇଛନ୍ତି। ପାକିସ୍ତାନର ସିନ୍ଧୁ ନଦୀ ଜଳକୁ ରୋକିବା ପାଇଁ କରାଯାଉଥିବା ଯେକୌଣସି ପ୍ରୟାସକୁ ଦେଶର ଜାତୀୟ ସୁରକ୍ଷା ଏବଂ ଅସ୍ତିତ୍ୱ ପ୍ରତି ଏକ ବଡ଼ ବିପଦ ଭାବେ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏଭଳି ସ୍ଥିତିରେ ପାକିସ୍ତାନ ନିଜର ଜଳ ଅଧିକାର ସୁରକ୍ଷା ପାଇଁ ପରମାଣୁ ଆକ୍ରମଣ ଭଳି ଚରମ ପଦକ୍ଷେପ ନେବାକୁ ପଛାଇବ ନାହିଁ ବୋଲି ବିଲାୱଲ୍ ସ୍ପଷ୍ଟ କରିଛନ୍ତି। ଇସଲାମାବାଦରେ ଆୟୋଜିତ ଏକ ଅନ୍ତର୍ଜାତୀୟ ସେମିନାର୍‌ରେ ଉଦ୍‌ବୋଧନ ଦେଇ ପିପିପି ଅଧ୍ୟକ୍ଷ କହିଛନ୍ତି ଯେ ଏହି ବିବାଦକୁ କେବଳ ପରିବେଶ କିମ୍ବା କୂଟନୈତିକ ଦୃଷ୍ଟିକୋଣରୁ ଦେଖାଯିବା ଉଚିତ ନୁହେଁ। ଏହା ସିଧାସଳଖ ପାକିସ୍ତାନର ବଞ୍ଚିବା ଏବଂ ଅର୍ଥନୀତି ସହ ଜଡ଼ିତ। ପାକିସ୍ତାନର ପରମାଣୁ ନୀତିର ଉଦାହରଣ ଦେଇ ସେ କହିଛନ୍ତି, ଯଦି କୌଣସି ପରିସ୍ଥିତିରେ ଦେଶର ଅର୍ଥନୀତିକୁ ସ୍ଥାଣୁ କରିବାକୁ ଚେଷ୍ଟା କରାଯାଏ କିମ୍ବା ଜଳପଥ ଅବରୋଧ କରାଯାଏ, ତେବେ ତାହା ପରମାଣୁ ପ୍ରତିକ୍ରିୟାକୁ ଆମନ୍ତ୍ରଣ କରିବ। ଭାରତର 'ନୋ ଫାଷ୍ଟ ୟୁଜ୍' (ପ୍ରଥମେ ପରମାଣୁ ଅସ୍ତ୍ର ବ୍ୟବହାର ନକରିବା) ନୀତି ଥିବାବେଳେ ପାକିସ୍ତାନର ଏଭଳି କୌଣସି ପ୍ରତିବଦ୍ଧତା ନାହିଁ। ଦେଶର ସୁରକ୍ଷା ପ୍ରତି ବଡ଼ ବିପଦ ଦେଖାଦେଲେ ପାକିସ୍ତାନ ପୂର୍ଣ୍ଣକ୍ଷମତା ବିଶିଷ୍ଟ ପରମାଣୁ ପ୍ରତିରୋଧକ ବ୍ୟବସ୍ଥା ଆଧାରରେ ପ୍ରଥମେ ଆକ୍ରମଣ କରିବାର





ବିକଳ୍ପ ରଖିଛି ବୋଲି ସେ ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଜବାବରେ ଗତ ବର୍ଷ ଭାରତ ୧୯୬୦ ମସିହାର ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଥିଲା। ଭାରତର ଏହି ନିଷ୍ପତ୍ତି ପାକିସ୍ତାନ ପାଇଁ ଘାତକ ହୋଇଛି, କାରଣ ଦେଶର ପ୍ରାୟ ୮୦ ପ୍ରତିଶତ ଚାଷ ଜମି ସିନ୍ଧୁ ନଦୀ ଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାଏ। ଏହି କାରଣରୁ ପାକିସ୍ତାନ ଏବେ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିବାକୁ ଏହି ସେମିନାର୍ ଆୟୋଜନ କରିଥିଲା, ଯେଉଁଠାରେ ଭୁଟ୍ଟୋ ଭାରତ ଉପରେ ଜଳକୁ ଏକ ଚାପ ପ୍ରୟୋଗର ଅସ୍ତ୍ର ଭାବେ ବ୍ୟବହାର କରୁଥିବା ଅଭିଯୋଗ ଆଣିଛନ୍ତି। ଭୁଟ୍ଟୋ ନିଜ ଭାଷଣରେ କହିଥିଲେ, ସିନ୍ଧୁ ନଦୀ କୌଣସି ବୁଝାମଣାର ମାଧ୍ୟମ ନୁହେଁ, ଏହା ପାକିସ୍ତାନର ଜୀବନରେଖା। ଯଦି କେହି ଭାବୁଥାନ୍ତି ଯେ ପାକିସ୍ତାନ ନିଜର ଜଳ ଅଧିକାର ସମର୍ପଣ କରିଦେବ, ତେବେ ସେମାନେ ସିନ୍ଧ, ପଞ୍ଜାବ, ବଲୁଚିସ୍ତାନ, ଖାଇବର ପାଖ୍‌ତୁନ, କାଶ୍ମୀର କିମ୍ବା ଗିଲ୍‌ଗିଟ୍ ବାଲ୍‌ଟିସ୍ତାନର ଜନତାଙ୍କୁ ଚିହ୍ନିନାହାନ୍ତି। ପାକିସ୍ତାନ ନିଜର ଜଳ, ସାର୍ବଭୌମତ୍ୱ ଏବଂ ଭବିଷ୍ୟତର ସୁରକ୍ଷା ପାଇଁ ମିଳିତ ସେନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି। ସିନ୍ଧୁ ଜଳକୁ ନେଇ ପାକିସ୍ତାନର ଏଭଳି ପରମାଣୁ ଧମକ ପରେ ଭାରତ-ପାକିସ୍ତାନ ମଧ୍ୟରେ ସାମରିକ ତଥା କୂଟନୈତିକ ଉତ୍ତେଜନା ବୃଦ୍ଧି ପାଇବା ଆଶଙ୍କା ରହିଛି।

ସୂଚନାଯୋଗ୍ୟ, ଏହା ପୂର୍ବରୁ ୨୦୨୫ ଏପ୍ରିଲ ମାସରେ ଯେତେବେଳେ ଭାରତ ସିନ୍ଧୁ ଜଳ ଚୁକ୍ତିକୁ ସାମୟିକ ଭାବେ ସ୍ଥଗିତ ରଖିଥିଲା, ସେତେବେଳେ ମଧ୍ୟ ଭୁଟ୍ଟୋ ଭାରତକୁ ଚେତାବନୀ ଦେଇଥିଲେ। ସେହି ସମୟରେ ସେ ଅତ୍ୟନ୍ତ ଆପତ୍ତିଜନକ ବୟାନ ଦେଇ କହିଥିଲେ ଯେ 'ସିନ୍ଧୁ ନଦୀ ଆମର ଏବଂ ଆମର ହୋଇ ରହିବ; ଏଥିରେ ଆମ ପାଣି ବହିବ ନଚେତ୍ ସେମାନଙ୍କ ରକ୍ତ।'

# ଅଧିକ ଜଗନ୍ନାଥପ୍ରେମୀଙ୍କ ନିକଟରେ ପହଞ୍ଚିବ ଚଳିତ ଘୋଷଯାତ୍ରା

ଭୁବନେଶ୍ୱର: ବିଶ୍ୱପ୍ରସିଦ୍ଧ ପୁରୀ ଘୋଷଯାତ୍ରା ନିମନ୍ତେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସମ୍ପର୍କ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରଥଯାତ୍ରାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପରେ ନ୍ୟସ୍ତ ଦାୟିତ୍ୱକୁ ଶୃଙ୍ଖଳିତ ଓ ସୁଚାରୁ ରୂପେ ସମ୍ପାଦନ କରିବା ଉପରେ ଆଲୋଚନା କରାଯାଇଛି। ବୈଠକରେ ପୂର୍ବବର୍ଷମାନଙ୍କ ଭଳି ଏଥର ମଧ୍ୟ ଆବଶ୍ୟକତା ଅନୁଯାୟୀ ପୁରୀର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଛନ୍ତି । ସହରର ପ୍ରମୁଖ ସ୍ଥାନ ଯଥା ସିଂହଦ୍ୱାର, ବଳଗଣ୍ଡି, ବଡ଼ଶଙ୍ଖ, ଜଗନ୍ନାଥ ବଲ୍ଲଭ ମଠ, ଦିଗବାରେଣୀ, ଗୁଣ୍ଡିଚାବାଡ଼ି, ମାଳତିପାଟପୁର, ସୁଭାଷବୋଷ ଛକ, ପାନ୍ଥଭବନ, ତାଳବଣିଆ, ରେଳ ଷ୍ଟେସନ,ଶ୍ରୀଦାଣ୍ଡ , ମାଟିଆପଡା ଛକ, ଅଠରନଳା ଏବଂ ଜଗନ୍ନାଥ ବଲ୍ଲଭ ପାର୍କିଂ ସ୍ଥଳଠାରେ ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅଧିକରୁ ଅଧିକସଂଖ୍ୟକ ଜଗନ୍ନାଥପ୍ରେମୀଙ୍କ ନିକଟରେ ରଥଯାତ୍ରା ପ୍ରଚାର ପ୍ରସାର ପହଞ୍ଚିବା ପାଇଁ ଉଭୟ ସ୍ଥାନୀୟ ଏବଂ ଜାତୀୟ ବୈଦ୍ୟୁତିକ ଗଣମାଧ୍ୟମରେ ରଥଯାତ୍ରାର ସିଧା ପ୍ରସାରଣ, ଲାଇଭ୍ କମନ୍ ଫିଡ୍ ବ୍ୟବସ୍ଥା, ବିଶିଷ୍ଟ ଅତିଥିମାନଙ୍କ ସତ୍କାର ପାଇଁ ବିଭାଗ ପକ୍ଷରୁ ବନ୍ଦୋବସ୍ତ କରାଯିବ। ପୁରୀର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସହଯୋଗରେ ସୂଚନା କେନ୍ଦ୍ରଗୁଡ଼ିକରେ ଉଚ୍ଚମାନର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ପାଲା, ଦାସକାଠିଆ, ଘୋଡାନାଚ ଭଳି ପାରମ୍ପରିକ ଲୋକକଳାର ପ୍ରଦର୍ଶନ ସହ ପ୍ରତ୍ୟହ ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିର ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରସିଦ୍ଧ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯିବ । ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ରଥଯାତ୍ରା ବିଶେଷାଙ୍କ ତଥା ଜଗନ୍ନାଥ ଜଣାଣ ପ୍ରକାଶନ କରାଯାଇ ବିକ୍ରୟ କରାଯିବ। ଟେଲିଭିଜନ୍ ଓ ଫଟୋ , ରେଡ଼ିଓ ଜିଙ୍ଗଲ ଏବଂ ବିଜ୍ଞାପନ ପ୍ରସାରଣ ବ୍ୟବସ୍ଥା ସହିତ କଟକ-ପୁରୀ ଜାତୀୟ ରାଜପଥର ନିର୍ଦ୍ଧାରିତ ସ୍ଥାନମାନଙ୍କରେ ରଥଯାତ୍ରା ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛାବାର୍ତ୍ତା ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କିତ ବିବରଣୀ ହୋର୍ଡିଂ ମାଧ୍ୟମରେ ପ୍ରଦର୍ଶିତ ହେବ। ଖବରକାଗଜରେ ବିଜ୍ଞାପନ ଏବଂ ସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବୈଠକରେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନୁରୂପ ଭାବେ ଭକ୍ତମାନଙ୍କ ନିକଟରେ ବିଭିନ୍ନ ଆବଶ୍ୟକୀୟ ଜରୁରି ସୂଚନା ତତକ୍ଷଣାତ ପହଞ୍ଚାଇବା ପାଇଁ ପୁରୀ ସହର ସମେତ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ପାଶ୍ୱର୍ରେ ଏଲଇଡି ସ୍କ୍ରିନ, ଡିସପ୍ଲେ ସ୍ଥାପନ ଓ ପରିଚାଳନା ନିମନ୍ତେ ପ୍ରଥମ ଥର ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି। ଭକ୍ତମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହାର ଉତ୍ତମ ପରିଚାଳନା ଉପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ଗୁରୁତ୍ୱାରୋପ କରିଥିଲେ। ରଥଯାତ୍ରା ଅବସରରେ ରାଜ୍ୟସ୍ତରୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ପୁରୀ ଗସ୍ତ ପାଇଁ ବିଭାଗ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସେହିପରି ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ହେଉଥିବା ରଥଯାତ୍ରାରେ ସୂଚନା କେନ୍ଦ୍ର ଖୋଲିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ସମସ୍ତ କାର୍ଯ୍ୟକୁ ସୁବ୍ୟବସ୍ଥିତ ଢଙ୍ଗରେ ସମ୍ପାଦନ କରି ଏହାକୁ ସଫଳ କରିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ସମସ୍ତଙ୍କ ସହଯୋଗ କାମନା କରିଥିଲେ।ବୈଠକରେ ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଅତିରିକ୍ତ ନିର୍ଦ୍ଦେଶକ ସ୍ମିତା କର, ଉପନିର୍ଦ୍ଦେଶକ ତଥା ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



- ରଥଯାତ୍ରା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରସ୍ତୁତି ଜୋରଦାର
- ପୁରୀରେ ସୂଚନା କେନ୍ଦ୍ର, ଏଲଇଡି ସ୍କ୍ରିନ, ଲାଇଭ୍ ପ୍ରସାରଣ ଓ ଭକ୍ତଙ୍କ ସୁବିଧା ପାଇଁ ବିଶେଷ ବ୍ୟବସ୍ଥା



ଚଣ୍ଡୀଗଡ଼ରେ 'ସମ୍ବିଧାନ ହତ୍ୟା ଦିବସ' ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତୃବୃନ୍ଦଙ୍କ ସହ ମଞ୍ଚାସୀନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଜରୁରୀକାଳ ସମୟରେ ଗଣତନ୍ତ୍ରର ସୁରକ୍ଷା ପାଇଁ ସଂଘର୍ଷ କରିଥିବା ପୁଲିସ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେପି ଜାତୀୟ ଉପାଧ୍ୟକ୍ଷ ସୌଦାନ ସିଂହ, ରାଜ୍ୟସଭା ସାଂସଦ ରେଖା ଶର୍ମା, ଚଣ୍ଡୀଗଡ଼ ମେୟର ସୌରଭ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨୦୩୦ ସୁଦ୍ଧା ୧୧ ଗିଗାୱାଟ୍ ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ

# ଓଡ଼ିଶାରେ ୨ ଲକ୍ଷ କୋଟି ଟଙ୍କାର ବିନିଯୋଗକୁ ମଞ୍ଜୁରି




ଭୁବନେଶ୍ୱର: ଓଡ଼ିଶା ସରକାର ୨୦୩୦ ସୁଦ୍ଧା ୧୧ ଗିଗାୱାଟ୍ ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନ କ୍ଷମତା ହାସଲ କରିବା ପାଇଁ ଉଚ୍ଚାଭିଳାଷୀ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ପରିଷ୍କାର ଶକ୍ତି କ୍ଷେତ୍ରରେ ଦେଶର ଅଗ୍ରଣୀ ବିନିଯୋଗ କେନ୍ଦ୍ର ଭାବେ ଓଡ଼ିଶା ଦ୍ରୁତ ଗତିରେ ଉଭା ହେଉଥିବା ବେଳେ ଏପର୍ଯ୍ୟନ୍ତ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ମୂଲ୍ୟର ୧୬ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହା ସହ ବିଦ୍ୟୁତ ସଞ୍ଚାର ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଆଉ ୩୦ ହଜାର କୋଟି ଟଙ୍କା ବିନିଯୋଗ ହେବାର ସମ୍ଭାବନା ରହିଛି।

ଗୁରୁବାର ଭୁବନେଶ୍ୱରରେ ଶିଳ୍ପ ସଂଘ ଏବଂ ଓଡ଼ିଶା ଶକ୍ତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ଏନର୍ଜି କନ୍‌କ୍ଲେଭ- ୨୦୨୬' ଉଦ୍‌ଘାଟନ ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ସୂଚନା ଦେଇଥିଲେ।

ସେ କହିଥିଲେ ଯେ, ଚଳିତ ବର୍ଷ ଫେବୃଆରୀରେ ଆୟୋଜିତ ନିବେଶକ ସମ୍ମିଳନୀରେ ୬.୭ ଗିଗାୱାଟ୍ କ୍ଷମତା ବିଶିଷ୍ଟ ନବୀକରଣଯୋଗ୍ୟ ଶକ୍ତି ପ୍ରକଳ୍ପ ପାଇଁ ୬୭ ହଜାର କୋଟି ଟଙ୍କାର ବିନିଯୋଗ ପ୍ରସ୍ତାବ ମିଳିଥିଲା। ସୌର, ପବନ, ପମ୍ପଡ୍ ଷ୍ଟୋରେଜ୍ ଏବଂ ହାଇବ୍ରିଡ୍ ଶକ୍ତି ପ୍ରକଳ୍ପ ମାଧ୍ୟମରେ ଆସନ୍ତା ଚାରି ବର୍ଷ ମଧ୍ୟରେ ଓଡ଼ିଶା ଦେଶର ଏକ ପ୍ରମୁଖ ପରିଷ୍କାର ଶକ୍ତି ବିନିଯୋଗ କେନ୍ଦ୍ରରେ ପରିଣତ ହେବ। ଏହା ଓଡ଼ିଶା ଭିଜନ-୨୦୪୭ର ସ୍ଥାୟୀ ଓ ସମାବେଶୀ ବିକାଶ ଲକ୍ଷ୍ୟ ପୂରଣରେ ସହାୟକ ହେବ। ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ୬ଟି ସ୍ଥାନରେ ବ୍ୟାଟେରୀ ଶକ୍ତି ସଂରକ୍ଷଣ ପ୍ରକଳ୍ପ ସ୍ଥାପନ କରାଯାଉଛି। ଦୀର୍ଘ ସମୁଦ୍ର ଉପକୂଳ, ଶକ୍ତିଶାଳୀ ଶିଳ୍ପ ଭିତ୍ତିଭୂମି ଏବଂ ଅନୁକୂଳ ନୀତି ଯୋଗୁଁ ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ କ୍ଷେତ୍ରରେ ବୃହତ୍ ବିନିଯୋଗ ଆସୁଛି। ଆଇଆଇଟି ଏବଂ ସିଙ୍ଗାପୁରର ପ୍ରତିଷ୍ଠିତ ଅନୁଷ୍ଠାନମାନଙ୍କ ସହଯୋଗରେ ଏକ ଗବେଷଣା ପରିବେଶ ମଧ୍ୟ ଗଢ଼ି ଉଠୁଛି। ଏହି ପ୍ରକଳ୍ପଗୁଡ଼ିକ ଶିଳ୍ପର କାର୍ବନ ନିର୍ଗମନ ହ୍ରାସ ସହ ରାଜ୍ୟରେ ସବୁଜ ଉତ୍ପାଦନ ବ୍ୟବସ୍ଥା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। 'ପାୱରିଂ ଇଷ୍ଟର୍ଣ୍ଣ ଇଣ୍ଡିଆସ୍ ଗ୍ରୀନ୍ ଟ୍ରାନ୍ସିସନ୍ - ପଲିସି, ଇନୋଭେସନ୍ ଆଣ୍ଡ୍ ଇଣ୍ଡଷ୍ଟ୍ରିଆଲ୍ ଡିକାର୍ବନାଇଜେସନ୍' ଶୀର୍ଷକ ଏହି ସମ୍ମିଳନୀରେ ନୀତି ନିର୍ଦ୍ଧାରକ, ଶିଳ୍ପପତି, ଶକ୍ତି ବିଶେଷଜ୍ଞ, ପ୍ରଯୁକ୍ତି ପ୍ରଦାନକାରୀ ଓ ପରିବେଶ ବିଶେଷଜ୍ଞମାନେ ଯୋଗଦେଇ ସ୍ୱଳ୍ପ କାର୍ବନ ଅର୍ଥନୀତି ଦିଗରେ ଓଡ଼ିଶାର ଅଗ୍ରଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ କହିଥିଲେ ଯେ, ରାଜ୍ୟ ସରକାର ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନ, ଶକ୍ତି ଦକ୍ଷତା, ଗ୍ରୀନ୍ ହାଇଡ୍ରୋଜେନ୍ ବିକାଶ ଓ ସ୍ଥାୟୀ ଶିଳ୍ପାୟନ ଉପରେ ସମାନ ଗୁରୁତ୍ୱ ଦେଉଛନ୍ତି। ବିଦ୍ୟୁତ ଗ୍ରିଡ୍‌ର ନିର୍ଭରଯୋଗ୍ୟତା ବଢ଼ାଇବା ଏବଂ ନବୀକରଣଯୋଗ୍ୟ ଶକ୍ତି ପ୍ରକଳ୍ପକୁ ସଂଯୋଗ କରିବା ପାଇଁ ୪,୫୦୦ କୋଟି ଟଙ୍କା ବିନିଯୋଗ କରାଯିବ ବୋଲି ସେ ସୂଚନା ଦେଇଥିଲେ। ସେ କହିଥିଲେ ଯେ, ରାଜ୍ୟର ପରିଷ୍କାର ଶକ୍ତି ଲକ୍ଷ୍ୟ ହାସଲ ପାଇଁ ପ୍ରକଳ୍ପ ବିକାଶକାରୀ, ପ୍ରଯୁକ୍ତି ପ୍ରଦାନକାରୀ, ଆର୍ଥିକ ଅନୁଷ୍ଠାନ ଏବଂ ସ୍ଥାନୀୟ ସମୁଦାୟଙ୍କ ମଧ୍ୟରେ ସମନ୍ୱିତ ସହଯୋଗ ଆବଶ୍ୟକ। ଆସନ୍ତା 'ଗ୍ଲୋବାଲ୍ ଏନର୍ଜି ଲିଡର୍ସ ସମିଟ୍- ୨୦୨୬' ଭୁବନେଶ୍ୱରରେ ଆୟୋଜିତ ହେବ ବୋଲି ମଧ୍ୟ ସେ ଘୋଷଣା କରିଥିଲେ। ସମ୍ମିଳନୀରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ତଥା ଜେଏସ୍‌ଡବ୍ଲୁ ଷ୍ଟିଲ୍‌ର ସଭାପତି ଅନିଲ କୁମାର ସିଂହ, ଲେଜର ପାୱାର ଆଣ୍ଡ ଇନଫ୍ରା ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଦେବେଶ ଗୋଏଲ୍, ଏନ୍‌ଟିପିସିର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ ଚାନ୍ଦ, ସାତ୍ତ୍ୱିକ ସୋଲାର ଇଣ୍ଡଷ୍ଟ୍ରିଜ୍‌ର ସିଇଓ ପ୍ରଶାନ୍ତ ମାଥୁର ଏବଂ ଆଭାଡା ଗ୍ରୁପ୍‌ର ଗ୍ରୀନ୍ ହାଇଡ୍ରୋଜେନ୍ ଓ ଆମୋନିଆ ବ୍ୟବସାୟ ମୁଖ୍ୟ ପ୍ରଶାନ୍ତ ଚୌବେ ଉଦ୍‌ବୋଧନ ଦେଇ ଓଡ଼ିଶାକୁ ପୂର୍ବ ଭାରତର ସବୁଜ ଶକ୍ତି କେନ୍ଦ୍ରରେ ପରିଣତ କରିବା ପାଇଁ ସରକାର, ଶିଳ୍ପ, ନିବେଶକ ଓ ଆର୍ଥିକ ସଂସ୍ଥାମାନଙ୍କ ମଧ୍ୟରେ ଦୃଢ଼ ଭାଗୀଦାରିର ଆବଶ୍ୟକତା ଉପରେ ମତ ରଖିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୧.୧୦ ଲକ୍ଷ କୋଟି ନିବେଶ ...

ସମୁଦାୟ ୫୩,୫୦୦ରୁ ଉର୍ଦ୍ଧ୍ୱ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରୁ ଖଣିଜ ସମ୍ବଳର କେବଳ ରପ୍ତାନି ନୁହେଁ, ବରଂ ବ୍ୟାପକ ମୂଲ୍ୟ ସଂଯୋଜନ ମାଧ୍ୟମରେ ଶିଳ୍ପାୟନ ଓ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୃଷ୍ଟି ଆମର ମୂଳ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଆଇଏଚ୍‌ସିର ଚିଫ୍ ଷ୍ଟ୍ରାଟେଜିକ୍ ଅଫିସର୍ (ସିଏସ୍‌ଓ) ପିଟର ଆବ୍ରାମ କହିଛନ୍ତି ଯେ ଏହା ଭାରତ ଓ ୟୁଏଇ ମଧ୍ୟରେ ଏକ ସୁଦୃଢ଼ ସମ୍ପର୍କର ନୂତନ ଅଧ୍ୟାୟ ସୃଷ୍ଟି କରିବ। ଏହି ଚୁକ୍ତି କେବଳ ଏକ ବ୍ୟାବସାୟିକ ନିବେଶ ନୁହେଁ, ଓଡ଼ିଶାର ସ୍ଥାୟୀ ବିକାଶ ପାଇଁ ଏକ ଦୀର୍ଘକାଳୀନ ଭାଗୀଦାରି ବୋଲି ସେ ପ୍ରକାଶ କରିଥିଲେ। ଆଦାନୀ ପୋର୍ଟସ୍ ଆଣ୍ଡ୍ ଏସଇଜେଡ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ କରନ୍ ଆଦାନୀ କହିଥିଲେ, ବର୍ତ୍ତମାନର ସରକାରଙ୍କ ଦୃଢ଼ ନୀତି ଯୋଗୁଁ ଓଡ଼ିଶା କେବଳ କଞ୍ଚାମାଲ ଯୋଗାଣକାରୀ ରାଜ୍ୟରୁ ରୂପାନ୍ତରିତ ହୋଇ ଏକ ମୂଲ୍ୟ ସଂଯୋଜିତ ଉତ୍ପାଦନ କେନ୍ଦ୍ର ପାଲଟିଛି। ଏହି ଏମ୍‌ଓୟୁ ଓଡ଼ିଶାର ଜନସାଧାରଣ ଓ ସ୍ଥାନୀୟ ଅର୍ଥନୀତିକୁ ବିଶ୍ୱସ୍ତରକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଅନୁ ଗର୍ଗ, ୟୁଏଇ ଆଇଏଚ୍‌ସି ଗ୍ରୁପ୍ ଏମ୍‌ଡି ଓ ସିଇଓ ସୟଦ୍ ବସର୍ ସୁଏବ୍, ୟୁଏଇ ଇଣ୍ଟରନ୍ୟାସନାଲ୍ ରିସୋର୍ସେସ୍ ହୋଲ୍‌ଡିଂ (ଆଇଆର୍‌ଏଚ୍)ର ସିଇଓ ଅଲି ଅଲ୍-ରସ୍‌ଦି, ଆଇଏଚ୍‌ସି ଗ୍ରୁପ୍‌ର ନେତୃବୃନ୍ଦ ହେସାମ୍ ଓ ଅବ୍‌ଦୁଲା ଅଲ୍-ରସ୍‌ଦିଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ଶିଳ୍ପ ଜଗତର ପ୍ରତିଷ୍ଠିତ ବ୍ୟକ୍ତି ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଏବଂ ଇପିକଲ୍‌ର ନିର୍ଦ୍ଦେଶିକା ଅବୋଲି ସୁନୀଲ ନରଭଣେ ଧନ୍ୟବାଦ ଅର୍ପଣ କରିଥିଲେ।

### ସରକାର ବାଣ୍ଟିବେ...

ପୃଥ୍ୱୀରାଜ ହରିଚନ୍ଦନ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ବିଶିଷ୍ଟ ବିଦ୍ୱାନ, ଗବେଷକ ଓ ବକ୍ତାମାନେ ଲକ୍ଷ୍ମୀ ପୁରାଣର ସାହିତ୍ୟିକ, ସାଂସ୍କୃତିକ ଓ ସାମାଜିକ ମହତ୍ତ୍ୱ ସହିତ ଏଥିରେ ଥିବା ନାରୀ ସଶକ୍ତୀକରଣ ଏବଂ ସାମାଜିକ ସମାନତାର ବାର୍ତ୍ତା ଉପରେ ବିସ୍ତୃତ ଆଲୋଚନା କରିଥିଲେ।

ଆୟୋଜିତ ମୁଖ୍ୟ ଆଲୋଚନାଚକ୍ରରେ ନୂଆଦିଲ୍ଲୀସ୍ଥିତ 'ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସେସ'ର ମହିଳା ଅଧ୍ୟୟନ କାର୍ଯ୍ୟକ୍ରମର ମୁଖ୍ୟ ବିଦ୍ୟୁତଲତା ମହାନ୍ତି, ବିଶିଷ୍ଟ ଲେଖକ ଓ ସ୍ତମ୍ଭକାର ଅସିତ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ଗୌରାଙ୍ଗ ଚରଣ ଦାସ, ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ଦାସ ଓ ନମିତା ଅଗ୍ରୱାଲ ଯୋଗ ଦେଇଥିଲେ। ସେହିପରି ଅନନ୍ତ ଅବଧୂତ ମଠର ଆଦିତ୍ୟ ଚନ୍ଦ୍ର ଦାସ, ରମାଦେବୀ ବିଶ୍ୱବିଦ୍ୟାଳୟର ସୁଚେତା ପ୍ରିୟବାଦିନୀ ଓ ଅଲିଭା ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟର ଜୟନ୍ତୀ ଦୋରା ପ୍ରମୁଖ ଏଥିରେ ଅଂଶଗ୍ରହଣ କରି ନିଜ ନିଜର ମତ ରଖିଥିଲେ। ଗବେଷକଙ୍କ ମତରେ, ବଳରାମ ଦାସଙ୍କ ମୂଳ ପୋଥିରୁ ନକଲ କଲା ବେଳେ କିଛି କୁସଂସ୍କାର ମନରୁ ଯୋଡ଼ି ଦିଆଯାଇଥିଲା। ଏହି ଅପଭ୍ରଂଶ ସଂସ୍କରଣକୁ ବର୍ଷ ବର୍ଷ ଧରି ସମସ୍ତେ ପଢ଼ୁଥିଲା ବେଳେ ସମାଜରେ ନାରୀମାନଙ୍କ ଅଧିକାରକୁ ଏହା ମାଧ୍ୟମରେ କ୍ଷୁଣ୍ଣ କରାଯାଉଛି। ଆଠ ବର୍ଷ ତଳେ ଓଡ଼ିଶା ସାହିତ୍ୟ ଏକାଡେମୀ ଲକ୍ଷ୍ମୀପୁରାଣର ସଂଶୋଧିତ ସଂସ୍କରଣ ପ୍ରକାଶ କରିଥିଲା। ଏବେ ଏହି ସଂସ୍କରଣକୁ ଛପାଯାଇ ବଣ୍ଟାଯିବ। ଏହା ସହ ମୂଳ ପୁରାଣକୁ କଣ୍ଠଶିଳ୍ପୀ ଗୀତା ଦାଶ ଓ ନମିତା ଅଗ୍ରୱାଲଙ୍କ ସ୍ୱରରେ ନୂଆ ଛନ୍ଦ ଓ ଶୈଳୀରେ ରେକର୍ଡ କରାଯିବ।

କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ବିଜୟ କେତନ ଉପାଧ୍ୟାୟ, ମିସନ୍ ଶକ୍ତି ବିଭାଗର ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ ଓ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସେନାଧ୍ୟକ୍ଷ ଭାବେ...

ମୁଖୀ କ୍ଷେତ୍ରରେ ଦକ୍ଷତାର ସହ କାର୍ଯ୍ୟ କରିପାରିବ। ସେ ପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷାମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜଣାଇ କହିଥିଲେ ଯେ, ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଏଭଳି ଗୁରୁଦାୟିତ୍ୱ ଅର୍ପଣ କରିଥିବାରୁ ସେ କୃତଜ୍ଞ। ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ବୀର ସୈନିକମାନଙ୍କୁ ମଧ୍ୟ ସେ ଶ୍ରଦ୍ଧାଞ୍ଜଳି ଜଣାଇ କହିଥିଲେ ଯେ, ସେମାନଙ୍କର ସାହସ, କର୍ତ୍ତବ୍ୟନିଷ୍ଠା ଓ ଆତ୍ମତ୍ୟାଗ ଆଗାମୀ ପିଢ଼ିକୁ ସଦା ପ୍ରେରଣା ଦେଇ ଚାଲିବ। ସେ କହିଥିଲେ ଯେ, ପ୍ରତିରକ୍ଷାମନ୍ତ୍ରୀଙ୍କ 'ଡିକେଡ୍ ଅଫ୍ ଟ୍ରାନ୍ସଫର୍ମେସନ୍' ଦୃଷ୍ଟିକୋଣକୁ ଆଧାର କରି ଭାରତୀୟ ସେନାକୁ ବିଶ୍ୱସ୍ତରୀୟ, ଆତ୍ମନିର୍ଭର ଓ ସମସ୍ତ ପ୍ରକାର ଚ୍ୟାଲେଞ୍ଜର ମୁକାବିଲା ପାଇଁ ସକ୍ଷମ କରାଯିବ। "ଜୟରୁ ବିଜୟ" ହେଉଛି ଭାରତୀୟ ସେନାର ସଫଳତାର ମୂଳମନ୍ତ୍ର ବୋଲି ସେ ମତ ପ୍ରକାଶ କରିଥିଲେ।

### ଏଆଇ, ପ୍ରତିରକ୍ଷା କ୍ଷେତ୍ରରେ...

ସେମିକଣ୍ଡକ୍ଟର, ଜରୁରୀ ଖଣିଜ, ଔଷଧ, ସ୍ୱଚ୍ଛ ଶକ୍ତି ଓ ସୂଚନା-ଯୋଗାଯୋଗ ପ୍ରଯୁକ୍ତି କ୍ଷେତ୍ରରେ ସହଯୋଗକୁ ଆହୁରି ବଢ଼ାଇବାକୁ ଦୁଇ ଦେଶ ସହମତ ହୋଇଛନ୍ତି।

ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ଏକ ଐତିହାସିକ ପଦକ୍ଷେପ ନିଆଯାଇଛି। ଭାରତ ଓ ଜାପାନ ପ୍ରଥମ ଥର ପାଇଁ ନୌସେନା ରେଡିଓ ଆଣ୍ଟେନା 'ୟୁନିକର୍ଣ୍ଣ'ର ମିଳିତ ବିକାଶ ପାଇଁ ଚୁକ୍ତି କରିଛନ୍ତି। ମୋଦୀ କହିଛନ୍ତି, ଏହା ଦୁଇ ଦେଶର ପ୍ରତିରକ୍ଷା ପ୍ରଯୁକ୍ତି ସହଭାଗିତାରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିବ। ଏହା ସହ 'ଭାରତ-ଜାପାନ ବାୟୋଗ୍ୟାସ ପଦକ୍ଷେପ' ଅଧୀନରେ ଭାରତରେ ୧,୦୦୦ଟି ବାୟୋଗ୍ୟାସ ଓ ଜୈବିକ ସାର କାରଖାନା ସ୍ଥାପନ କରାଯିବ, ଯାହା ଗ୍ରାମୀଣ ଅର୍ଥନୀତି, ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶକୁ ବଳ ଦେବ। ବର୍ତ୍ତମାନ ଭାରତରେ ପ୍ରାୟ ୧,୫୦୦ ଜାପାନୀ କମ୍ପାନି କାର୍ଯ୍ୟ କରୁଥିବାବେଳେ ଦ୍ୱିପାକ୍ଷିକ ବାଣିଜ୍ୟ ୨୦୨୫-୨୬ ଆର୍ଥିକ ବର୍ଷରେ ୨୭ ବିଲିୟନ୍ ଡଲାରରୁ ଅଧିକରେ ପହଞ୍ଚିଛି।

### ଲସ୍କର ଏବଂ ଜୈସର...

ମିଡିଆ ମାଧ୍ୟମରେ ଯୁବବର୍ଗମାନଙ୍କୁ ନିଯୁକ୍ତି ଦେବା, ଅସ୍ତ୍ରଶସ୍ତ୍ର ତାଲିମ ପ୍ରଦାନ କରିବା ଏବଂ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପାଣ୍ଠି ସଂଗ୍ରହ କରିବାର ମଧ୍ୟ ଅଭିଯୋଗ ଅଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିଜ୍ଞପ୍ତିରେ ସୂଚିତ କରାଯାଇଛି, ଏହି ବ୍ୟକ୍ତିମାନଙ୍କର ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତି ଥିବା ପର୍ଯ୍ୟାପ୍ତ ପ୍ରମାଣ ମିଳିଛି। ଏହା ଆଧାରରେ, ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ ଅନୁଯାୟୀ ସେମାନଙ୍କ ନାମ ଚତୁର୍ଥ ସୂଚୀରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ତାଲିକାରେ ସେମାନଙ୍କ ନାମ ଅନ୍ତର୍ଭୁକ୍ତ ହେବା ପରେ, ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ, ତଦନ୍ତ ଏବଂ ସମ୍ପତ୍ତି ଜବତ ପ୍ରକ୍ରିୟା ଅଧିକ ପ୍ରଭାବଶାଳୀ ହେବ।




# ଲୋକ, ସମାଜ ଏବଂ ଦେଶମାନଙ୍କୁ ଏକତ୍ର କରିବାର ଅଦ୍ଭୁତ ଶକ୍ତି ଯୋଗ ନିକଟରେ ଅଛି: ପ୍ରଧାନମନ୍ତ୍ରୀ



କୋଲକାତା: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗର କୋଲକାତାସ୍ଥିତ ଐତିହାସିକ ରେଡ୍ ରୋଡ୍‌ଠାରେ ଆୟୋଜିତ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସର ଜାତୀୟ ସମାରୋହରେ ଅଂଶଗ୍ରହଣ କରିଛନ୍ତି। 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ' ଶୀର୍ଷକରେ ଆୟୋଜିତ ଏହି ଜାତୀୟ କାର୍ଯ୍ୟକ୍ରମର ନେତୃତ୍ୱ ନେଇ ସେ ହଜାର ହଜାର ଲୋକମାନଙ୍କ ସହ ଯୋଗାଭ୍ୟାସ କରିଥିଲେ। ଭାରତ ଏବଂ ସମଗ୍ର ବିଶ୍ୱର ଲକ୍ଷ ଲକ୍ଷ ଲୋକ ଏହି ସମାରୋହରେ ସାମିଲ ହୋଇଥିଲେ। ଏହି ଅବସରରେ ପଶ୍ଚିମବଙ୍ଗର ରାଜ୍ୟପାଳ ଶ୍ରୀ ଆର୍. ଏନ୍. ରବି, ମୁଖ୍ୟମନ୍ତ୍ରୀ ଶ୍ରୀ ଶୁଭେନ୍ଦୁ ଅଧିକାରୀ, କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ (ସ୍ୱତନ୍ତ୍ର ଦାୟିତ୍ୱ) ଶ୍ରୀ ପ୍ରତାପରାଓ ଯାଦବ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ଏହି ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ଭାରତ ଏବଂ ସମଗ୍ର ବିଶ୍ୱବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ ଯେ, ଜୁନ୍ ୨୧ ତାରିଖ ଏବେ ବିଶ୍ୱର ଅନ୍ୟତମ ବିଶାଳ ସାମୂହିକ ଉତ୍ସବରେ ପରିଣତ ହୋଇଛି, ଯେଉଁଠାରେ ବିଭିନ୍ନ ଦେଶ ଓ ସଂସ୍କୃତିର ଲୋକମାନେ ଯୋଗାଭ୍ୟାସ ମାଧ୍ୟମରେ ଏକାଠି ହେଉଛନ୍ତି। ସେ କହିଥିଲେ ଯେ ହିମାଳୟଠାରୁ ଭାରତ ମହାସାଗର ଏବଂ ବଙ୍ଗଠାରୁ ସୌରାଷ୍ଟ୍ର ପର୍ଯ୍ୟନ୍ତ ସମଗ୍ର ଦେଶ ଆଜି ଯୋଗର ଶକ୍ତି ଓ ଉତ୍ସାହରେ ପରିପୂର୍ଣ୍ଣ ହୋଇଉଠିଛି।

ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ପଶ୍ଚିମବଙ୍ଗର ସମୃଦ୍ଧ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟକୁ ଦୃଷ୍ଟିରେ ରଖି ଏଠାରେ ଜାତୀୟ ସମାରୋହ ଆୟୋଜନ କରିବା ବିଶେଷ ଭାବେ ତାତ୍ପର୍ଯ୍ୟପୂର୍ଣ୍ଣ। ଯୋଗର ବାର୍ତ୍ତାକୁ ସମଗ୍ର ବିଶ୍ୱରେ ପ୍ରସାରିତ କରିବାରେ ଅବଦାନ ଦେଇଥିବା ସ୍ୱାମୀ ବିବେକାନନ୍ଦ, ଶ୍ରୀ ଅରବିନ୍ଦ ଏବଂ ଅନ୍ୟାନ୍ୟ ମନୀଷୀମାନଙ୍କ ସମେତ ବଙ୍ଗର ମହାନ ଆଧ୍ୟାତ୍ମିକ ଗୁରୁ ଓ ଚିନ୍ତାନାୟକମାନଙ୍କ ଅବଦାନକୁ ମନେ ପକାଇ ସେ କହିଥିଲେ ଯେ, ଏହି ମାଟି ଦୀର୍ଘ ଦିନ ଧରି ମନ, ଶରୀର ଏବଂ ଆତ୍ମାର ମିଳନକୁ ଗୁରୁତ୍ୱ ଦେଉଥିବା ପରମ୍ପରାକୁ ପାଳନ କରିଆସିଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯୋଗ ଜୀବନର ସମସ୍ତ କ୍ଷେତ୍ରରେ ସନ୍ତୁଳନର ଗୁରୁତ୍ୱ ଶିକ୍ଷା ଦିଏ। ଶ୍ରୀମଦ୍ ଭଗବଦ୍ ଗୀତାର ବାଣୀକୁ ଉଲ୍ଲେଖ କରି ସେ କହିଥିଲେ ଯେ ସନ୍ତୁଳିତ ଅଭ୍ୟାସ, ସନ୍ତୁଳିତ କାର୍ଯ୍ୟ ଏବଂ ଏକ ସନ୍ତୁଳିତ ଜୀବନଶୈଳୀ ଉତ୍ତମ ସ୍ୱାସ୍ଥ୍ୟର ମୂଳଦୁଆ ଗଠନ କରେ। ସେ ଯୋଗକୁ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବାକୁ ନାଗରିକମାନଙ୍କୁ ଆହ୍ୱାନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଯୋଗକୁ କେବଳ ଗୋଟିଏ ଦିନର ପାଳନ ମଧ୍ୟରେ ସୀମିତ ରଖନ୍ତୁ ନାହିଁ। ସେ ଚଳିତ ବର୍ଷ ଆରମ୍ଭ ହୋଇଥିବା "ଯୋଗ ୩୬୫" ଅଭିଯାନ ଏବଂ ୧୦୦ ଦିନିଆ ଅନଲାଇନ୍ ଯୋଗ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ, ଯେଉଁଥିରେ ୧୩୦ଟି ଦେଶର ୩୦ ଲକ୍ଷରୁ ଅଧିକ ଲୋକ ଅଂଶଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ଶୁଭେନ୍ଦୁ ଅଧିକାରୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ କୋଲକାତାକୁ ସ୍ୱାଗତ କରିବା ସହ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସର ଜାତୀୟ ସମାରୋହ ପାଳନ ନିମନ୍ତେ ପଶ୍ଚିମବଙ୍ଗକୁ ବାଛିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଅନମୋଲ୍ ଭାରତୀୟ କନିଷ୍ଠ ହକି ଦଳର ଅଧିନାୟକ



ଭୁବନେଶ୍ୱର: ହକି ଇଣ୍ଡିଆ ମଙ୍ଗଳବାର ବେଲ୍‌ଜିୟମ୍ ଗସ୍ତ ଲାଗି ୨୨ ଜଣିଆ କନିଷ୍ଠ (୨୧ ବର୍ଷରୁ କମ୍) ପୁରୁଷ ଦଳ ଘୋଷଣା କରିଛି। ଏହି ଦଳର ଅଧିନାୟକ ଓଡ଼ିଆ ପୁଅ ଅନମୋଲ ଏକ୍କା ରହିଛନ୍ତି। ତାଙ୍କ ସହ ଏହି ୨୨ ଜଣିଆ ଦଳରେ ଓଡ଼ିଶାରୁ ୯ ଜଣ ବିବେକ ଲାକ୍ରା, ରୋହିତ କୁଲୁ, ପ୍ରଶାନ୍ତ ବାର୍ଲା, ସଞ୍ଜିତ ତିର୍କି, ଆଦ୍ରୋହିତ ଏକ୍କା, ମୁକେଶ ଟପ୍ପୋ, ରିତିକ ଲାକ୍ରା ଓ

## ବେଲ୍‌ଜିୟମ୍ ଗସ୍ତ ଦଳରେ ଓଡ଼ିଶାରୁ ୯

ଅର୍ଯ୍ୟନ ଖେସ୍ ଅଛନ୍ତି। ଅନମୋଲଙ୍କ ସହ ଆଦ୍ରୋହିତ ଓ ରୋହିତ ଚେନ୍ନାଇରେ ଆୟୋଜିତ କାଂସ୍ୟ ବିଜେତା କନିଷ୍ଠ ଭାରତୀୟ ଦଳରେ ସଦସ୍ୟ ଥିଲେ। କାଂସ୍ୟ ମୁକାବିଲାରେ ଅନମୋଲଙ୍କ ଶେଷ ସମୟ ଗୋଲ୍ ବଳରେ ଭାରତ ୪-୨ରେ ଆର୍ଜେଣ୍ଟିନାକୁ ହରାଇଥିଲା। ସେ ମଧ୍ୟ ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ତାଙ୍କର ଏହି ପ୍ରଦର୍ଶନ ଲାଗି ଜାତୀୟ ଦଳର ଭାର ମିଳିଛି। ଅଧିନାୟକ ପଦ ସହ ଓଡ଼ିଶାରୁ ଜାତୀୟ ଦଳରେ ୯ ଜଣ ସ୍ଥାନ ପାଇବା ରାଜ୍ୟର ଗର୍ବ ଓ ଗୌରବ ବଢ଼ାଇଛି। ଏତେ ମାତ୍ରାରେ ଜାତୀୟ ଦଳରେ ଓଡ଼ିଶା ଖେଳାଳି ସ୍ଥାନ ପାଇବା ରାଜ୍ୟ ହକିର ଅଭିବୃଦ୍ଧିର ସଙ୍କେତ।

ଏଫ୍ଆଇଏଚ୍ ହକି ପୁରୁଷ କନିଷ୍ଠ ଏସିଆ କପ୍ ପ୍ରସ୍ତୁତି ଲାଗି ନୂଆ ପ୍ରଶିକ୍ଷକ ଫ୍ରେଡରିକ ସୋୟେଜଙ୍କ ତତ୍ତ୍ୱାବଧାନରେ ଜୁଲାଇ ୫ରୁ ୧୮ ତାରିଖ ପର୍ଯ୍ୟନ୍ତ ଭାରତ ଏହି ଗସ୍ତ କରିବ। ଏହା ଭିତରେ ୟୁରୋପର ଶ୍ରେଷ୍ଠ ଦଳ ଅଷ୍ଟ୍ରିଆ (ଜୁଲାଇ ୭, ୮) ଓ ବେଲ୍‌ଜିୟମ (ଜୁଲାଇ ୧୦, ୧୪) ବିପକ୍ଷରେ ଦୁଇଟି ଲେଖାଏଁ ଏବଂ ଜର୍ମାନୀ (ଜୁଲାଇ ୧୩) ଓ ନେଦରଲାଣ୍ଡ୍ସ (ଜୁଲାଇ ୧୭) ବିପକ୍ଷରେ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳି ଗସ୍ତ ଶେଷ କରିବ।

**ଭାରତୀୟ କନିଷ୍ଠ ପୁରୁଷ ଦଳ:** ଗୋଲି-ବିବେକ ଲାକ୍ରା, କୁନାଲ ତିୱାରିଆ, ଡିଫେଣ୍ଡର- ଅନମୋଲ ଏକ୍କା (ଅଧିନାୟକ), ରୋହିତ କୁଲୁ, ଚିରାଗ, ରବିନ୍ଦର, ପ୍ରଶାନ୍ତ ବାର୍ଲା, ସଞ୍ଜିତ ତିର୍କି, ଭି ମଣିମାରନ, ମିଡ୍‌ଫିଲ୍ଡର- ଆଦ୍ରୋହିତ ଏକ୍କା, ହର୍‌ପାଲ, ଜିତ୍‌ପାଲ, ମୁକେଶ ଟୋପ୍ପୋ, ମନୁ ମଲ୍ଲିକ, ରିତିକ ଲାକ୍ରା, ଫରୱାର୍ଡ- ଅଜିତ ଯାଦବ, ପ୍ରଭଦୀପ ସିଂହ, ଅର୍ଜୁନ ହର୍ଗୁଡେ, ଆର୍ଯ୍ୟନ ଖେସ୍, ଲୋଭେନୁର ସିଂହ, ମହମ୍ମଦ କୋନାଏନ ଦାଦ୍, ଗୁରୁସେବକ ସିଂହ।

## ପୁରୀ ଜିଲ୍ଲା ସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

# ଯୋଗ ସୁସ୍ଥ ଓ ରୋଗ ମୁକ୍ତ ପାଇଁ ମହୋଷଧି ସଦୃଶ୍ୟ



ପୁରୀ: ଯୋଗ ଆମ ସମସ୍ତଙ୍କ ପାଇଁ ଜରୁରୀ।ଏହା ସୁସ୍ଥ, ନୀରୋଗ ଓ ମାନସିକ ସ୍ଥିରତା ପାଇଁ ମହୋଷଧି ସଦୃଶ୍ୟ।ତେଣୁ ପ୍ରତ୍ୟେକ ପ୍ରତିଦିନ ନିଜ ଜୀବନ ଚର୍ଯ୍ୟାରେ ଯୋଗକୁ ଯୋଡିବାକୁ ଆହ୍ୱାନ ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା।ଆଜି ପ୍ରତ୍ୟୁଷରେ ଜିଲ୍ଲା ପ୍ରଶାସନ, କ୍ରୀଡା ବିଭାଗ ପକ୍ଷରୁ ପୁରୀ ବ୍ଲୁ ଫ୍ଲାଗ ବିଚ ଠାରେ ପୁରୀ ଜିଲ୍ଲା ସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଯୋଗ ଦେଇଥିଲେ।ଯୋଗ ଆଜି କେବଳ ଆମ ଦେଶରେ ଲୋକ ପ୍ରିୟ ହୋଇ ନାହିଁ ବରଂ ସମଗ୍ର ବିଶ୍ୱ ଏହାକୁ ଗ୍ରହଣ କରିବା ସହ ଆଜି ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରୁଛନ୍ତି।ଚଳିତ ବର୍ଷ ର ବିଷୟ ରହିଛି ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ।ତେଣୁ ଯୋଗ ପାଇଁ ସମସ୍ତେ ଆଗେଇ ଆସିବାକୁ ସେ ଅନୁରୋଧ କରିଥିଲେ।ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ପ୍ରଧାନମନ୍ତ୍ରୀ ଙ୍କ ଆହ୍‌ୱାନ ରେ ଆଜି ସମଗ୍ର ବିଶ୍ୱ ରେ ଯୋଗ ପାଳିତ ହେଉଛି।ସୁସ୍ଥତା ପାଇଁ ଯୋଗ ର ଭୂମିକା ସର୍ବଦା ଗୁରୁତ୍ୱ ରହିଛି।ସମଗ୍ର ବିଶ୍ୱ ରେ ଯୋଗ ର ପ୍ରସାର ଆମ ଦେଶର ଦକ୍ଷତା ଓ ପାରଦର୍ଶିତା ର ପ୍ରତୀକ ବୋଲି କହିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର,ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଏସ ପି ପ୍ରତୀକ ସିଂ,ଡିଏଫଓ ମଗର ଧନଜୀ ରାଓସୋ,ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ମଧୁ ସୂଦନ ସିଂହାରୀ,ପୁରୀ ଯୋଗ ମହୋତ୍ସବ ସମିତିର ସଂଯୋଜକ ବୈଦ୍ୟନାଥ ମହାସୁଆର, ଆଲୋକ ସ୍ୱାଇଁ, ଜମ୍ବେଶ୍ୱର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ।ଯୋଗ କ୍ରିୟା ରେ ଆନ୍ତର୍ଜାତୀୟ ଯୋଗ ଦିବସ ର ପ୍ରୋଟୋକଲ ଅନୁସାରେ ବିବିଧ ଯୋଗ କରାଯାଇଥିଲା।ଏହି କାର୍ଯ୍ୟକ୍ରମ କୁ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଓ ଅନ୍ୟ ଅଧିକାରୀ କର୍ମଚାରୀ ପରିଚାଳନା କରିଥିଲେ।ଏଥିରେ ବିଭିନ୍ନ ବିଭାଗର ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସାଧାରଣ ଲୋକ, ବିଭିନ୍ନ ଶିକ୍ଷାନୁଷ୍ଠାନ ର ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇ ଯୋଗ ଶିକ୍ଷା ଲାଭ ଓ ପ୍ରଦର୍ଶନ କରିଥିଲେ।ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକ, ପଞ୍ଚାୟତ ଓ ସହରାଞ୍ଚଳ ମାନଙ୍କରେ ଯୋଗ ଦିବସ ପାଳନ କରାଯାଇଥିଲା।

# ବେନ୍ ଷ୍ଟୋକ୍ସଙ୍କ ଅବସର



ଲଣ୍ଡନ୍: ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି ଆଧୁନିକ କ୍ରିକେଟର୍ ମହାନ ଇଂଲଣ୍ଡ ଅଲ୍‌ରାଉଣ୍ଡର୍ ବେନ୍ ଷ୍ଟୋକ୍ସ। ଏଥିସହ ଦୀର୍ଘ ୧୫ ବର୍ଷ ଧରି ଇଂଲଣ୍ଡ କ୍ରିକେଟ୍ ସହ ଜଡ଼ିତ ଥିବା ବେନ୍ ଷ୍ଟୋକ୍ସଙ୍କ କ୍ୟାରିୟର୍‌ର ଅଚାନକ ଓ ଅପ୍ରତ୍ୟାଶିତ ଭାବେ ଅନ୍ତ ଘଟିଛି। ନ୍ୟୁଜିଲାଣ୍ଡ୍ ବିପକ୍ଷ ଚଳିତ ତୃତୀୟ ଟେଷ୍ଟ୍ ତାଙ୍କ ଶେଷ ହେବ ବୋଲି ସେ ରବିବାର ଘୋଷଣା କରିବା ପରେ କ୍ରିକେଟ୍ ଦୁନିଆ ସ୍ତବ୍ଧ ହୋଇଯାଇଛି। ଇସିବି ସହିତ ମତଭେଦ କାରଣରୁ ସେ ଅବସର ଘୋଷଣା କରିଥିବା ଅନୁମାନ କରାଯାଉଛି। ଚଳିତ ଶୃଙ୍ଖଳାର ପ୍ରଥମ ଟେଷ୍ଟ୍ ପରେ ଷ୍ଟୋକ୍ସ ଏକ ନାଇଟ୍ କ୍ଲବ୍ ଗଣ୍ଡଗୋଳ ବିବାଦରେ ଫସି ନିଲମ୍ବିତ ହୋଇଥିଲେ। ତୃତୀୟ ଟେଷ୍ଟ୍ ପାଇଁ ତାଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିନିଆଯାଇଥିଲା। କିନ୍ତୁ ଏହାକୁ ନେଇ ସେ କ୍ଷୁବ୍ଧ ଥିବା ଅନୁମାନ କରାଯାଉଛି। ରବିବାର ଚତୁର୍ଥ ଦିବସ ଖେଳ ପୂର୍ବରୁ ସେ ସାଥୀ ଖେଳାଳିମାନଙ୍କୁ ଏହି ସୂଚନା ଜଣାଇଥିଲେ। 'ଯେଉଁ ପରିଶ୍ରମ କରି ଏଠାରେ ପହଞ୍ଚିଛି, ସେଠାରେ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କର' ବୋଲି ସାଥୀଖେଳାଳିମାନଙ୍କୁ ଡ୍ରେସିଂ ରୁମ୍‌ରେ କହିଛନ୍ତି। ୩୫ ବର୍ଷୀୟ ବେଞ୍ଜାମିନ୍ ଆଣ୍ଡ୍ରିଉ ଷ୍ଟୋକ୍ସ ଇଂଲଣ୍ଡ ପାଇଁ ୧୨୧ ଟେଷ୍ଟ୍ ଖେଳି ୭,୨୨୪ ରନ୍ ଏବଂ ୧୧୪ ଦିନିକିଆରୁ ୩୪୬୩ ରନ୍ ସଂଗ୍ରହ କରିଥିଲେ। ୨୦୧୯ ଦିନିକିଆ ବିଶ୍ୱକପ୍ ବିଜୟୀ ଏବଂ ଏକାଧିକ ସ୍ମରଣୀୟ ଆସେସ୍ ପାଳିର ନାୟକ ଥିଲେ ଷ୍ଟୋକ୍ସ। ସେ ମଧ୍ୟ ୨୦୨୨ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ଥିଲେ। ମୋଟ ୪୩ଟି ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟ ଖେଳିଥିଲେ। ଏହି ତିନି ଅନ୍ତର୍ଜାତୀୟ ଫର୍ମାଟ୍‌ରୁ ସେ ମୋଟ ୩୪୬ ୱିକେଟ୍ ଅକ୍ତିଆର କରିଥିଲେ।

# ଅନ୍ତଃରାଜ୍ୟ ଆଥଲେଟିକ୍ସ ଉଦ୍‌ଯାପିତ

ଭୁବନେଶ୍ୱର: ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ୬୫ତମ ଅନ୍ତଃରାଜ୍ୟ ଆଥଲେଟିକ୍ସ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ତାମିଲନାଡୁ ମୋଟ ୧୩୮ ପଏଣ୍ଟ୍ ଅର୍ଜନ କରି ଓଭରଅଲ୍ ବିଜେତା ହୋଇଛି। ଅନ୍ୟପକ୍ଷରେ ଉତ୍ତରପ୍ରଦେଶ (୭୧ ପଏଣ୍ଟ୍) ପୁରୁଷ ଏବଂ ହରିୟାଣା (୮୨ ପଏଣ୍ଟ୍) ମହିଳା ବିଜେତା ହୋଇଛି। କେରଳର ଲଙ୍ଗଜମ୍ପ୍ ତାରକା ଶ୍ରୀଶଙ୍କର ମୁରଲୀ ଓ ଆନ୍‌ସି ସୁଜାନ ଯଥାକ୍ରମେ ଶ୍ରେଷ୍ଠ ପୁରୁଷ ଓ ମହିଳା ଖେଳାଳି ବିବେଚିତ ହୋଇଛନ୍ତି।

ପ୍ରତିଯୋଗିତାର ଶେଷ ଦିନରେ ଉତ୍ତର ପ୍ରଦେଶର ରୋହିତ ଯାଦବ ଐତିହାସିକ ପ୍ରଦର୍ଶନ କରି ୮୭.୦୫ ମିଟର ଥ୍ରୋ' ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ପ୍ରଦର୍ଶନ ସହ ଚଳିତ ବର୍ଷର ପୁରୁଷ ଜାଭେଲିନ୍ ଥ୍ରୋ'ର ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି ସେ। ଏହି ୨୫ ବର୍ଷୀୟ କ୍ରୀଡ଼ା ତାରକା ରବିବାର ନିଜର ଶେଷ ପ୍ରୟାସରେ ନିଜ ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ। ସେହିଭଳି ମନୁ ଡିପିଙ୍କ ନାମରେ ଥିବା ୮୪.୩୫ ମିଟରର ମିଟ୍ ରେକର୍ଡକୁ ଭାଙ୍ଗି ଦେଇଥିଲେ। ଏହା ମଧ୍ୟ ବକ୍ତିଗତ ଭାବେ ତାଙ୍କର ଶ୍ରେଷ୍ଠ ଥ୍ରୋ' ଥିଲା। ଏହା ପୂର୍ବରୁ ୨୦୨୩ ମସିହାରେ ରୋହିତ ୮୩.୦୪ ମିଟର ଥ୍ରୋ କରିଥିଲେ। ସେହିଭଳି ଚଳିତ ଋତୁରେ ସେ ଭାରତର ଶ୍ରେଷ୍ଠ ଜାଭେଲିନ୍ ଥ୍ରୋଅର ଭାବେ ଉଭା ହୋଇଛନ୍ତି। ବିଶ୍ୱ ତାଲିକାରେ ବର୍ତ୍ତମାନ ୯୨.୬୨ ମିଟର ଥ୍ରୋ ସହ ଶ୍ରୀଲଙ୍କାର ରୁମେଶ ଥରଙ୍ଗା ପଥିରାଗେ ପ୍ରଥମ ସ୍ଥାନରେ ଥିବାବେଳେ, ଦୁଇଥର ଅଲିମ୍ପିକ୍ ଏବଂ ବିଶ୍ୱ ପଦକ ବିଜେତା ନୀରଜ ଚୋପ୍ରାର ଶ୍ରେଷ୍ଠଥ୍ରୋ' ସହ ୮୫.୬୯ ମିଟର ସହ ଚତୁର୍ଥ ସ୍ଥାନରେ ଅଛନ୍ତି। ଏହି ଇଭେଣ୍ଟ୍‌ରେ ହରିୟାଣାର ଯଶବୀର ସିଂହ ୮୩.୭୨ ମିଟର ଥ୍ରୋ' କରି ରୌପ୍ୟ ଓ ସଚିନ ଯାଦବ ୮୨.୩୨ ମିଟର ଥ୍ରୋ' ସହ କାଂସ୍ୟ ପଦକ ଜିତିଛନ୍ତି। ରୋହିତଙ୍କ ସହ ଏମାନେ ମଧ୍ୟ ଜାପାନ ଏସୀୟ କ୍ରୀଡ଼ା ଲାଗି ଯୋଗ୍ୟତା ଅର୍ଜନ କରିଥିଲେ।

# ଏଆଇୟୁ ବିଶ୍ୱ ଡୋପିଂ ଅପରାଧରେ ଭାରତ ପୁଣି ଶୀର୍ଷରେ

ନୂଆଦିଲ୍ଲୀ: ଦୌଡ଼କୁଦ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ)ର ଡୋପିଂ ଅପରାଧୀ ବିଶ୍ୱ ତାଲିକାରେ ଭାରତ ଶୀର୍ଷସ୍ଥାନ ବଜାୟ ରଖିଛି। ସଂପ୍ରତି ୧୬୨ ଜଣ ଆଥ୍‌ଲେଟ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡ ଭୋଗୁଛନ୍ତି। ଯାହା ଆଣ୍ଟି-ଡୋପିଂ ଲାଗି ଏକ ଆହ୍ୱାନ ହୋଇଛି। ଏହି ତାଲିକାରେ କେନିଆ (୧୪୮) ଦ୍ୱିତୀୟରେ ଥିଲା ବେଳେ ରୁଷିଆ (୬୦) ତୃତୀୟ ସ୍ଥାନରେ ରହିଛି। ଏଆଇୟୁର ଏହି ତାଲିକାରେ କେବଳ ଡୋପିଂ ଅପରାଧ ପାଇଁ ନିଷେଧ ହୋଇଥିବା ଖେଳାଳି ନାହାନ୍ତି, ଏଥିରେ ନନ୍-ଡୋପିଂ ନିୟମ ଉଲ୍ଲଂଘନ କରି ନିଲମ୍ବିତ ହୋଇଥିବା ଖେଳାଳି ବି ରହିଛନ୍ତି। ଚଳିତ ବର୍ଷ ଏପ୍ରିଲ୍‌ରେ ଏହି ମାମଲାରେ କେନିଆକୁ ଭାରତ ପ୍ରଥମ ଥର ଟପିଥିଲା। ଏଆଇୟୁ ଚଳିତ ବର୍ଷ ଆରମ୍ଭରେ, ଭାରତୀୟ ଦୌଡ଼କୁଦ ମହାସଂଘ (ଏଏଫ୍ଆଇ)କୁ 'ବି' ବର୍ଗରୁ 'ଏ'କୁ ଆଣିଥିଲା। ଯାହା ବିଶ୍ୱ ଦୌଡ଼କୁଦର ଆଣ୍ଟି ଡୋପିଂ ନିୟମର ସବୁଠୁ ଖରାପ ବର୍ଗ। ୨୦୨୨ରୁ ୨୦୨୫ ପର୍ଯ୍ୟନ୍ତ ଭାରତ ଦୌଡ଼କୁଦରେ ଆଣ୍ଟି-ଡୋପିଂ ନିୟମ ଉଲ୍ଲଂଘନରେ ଶ୍ରେଷ୍ଠ ଦୁଇ ଦେଶ ମଧ୍ୟରେ ରହିବାରୁ ଏଆଇୟୁ ଏଭଳି ପଦକ୍ଷେପ ନେଇଥିଲା।



ବେଲଜିୟମ୍ ଗସ୍ତ ପାଇଁ ଭାରତୀୟ ଜାତୀୟ କନିଷ୍ଠ ହକି ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ୯ ଜଣ ପ୍ରତିଭାବାନ ଯୁବ କ୍ରୀଡ଼ାବିତ ଅନମୋଲ ଏକ୍କା, ଆଦ୍ରୋହିତ ଏକ୍କା, ରୋହିତ କୁଲୁ, ମୁକେଶ ଟପ୍ପୋ, ବିବେକ ଲାକ୍ରା, ସଞ୍ଜିତ ତିର୍କୀ, ପ୍ରଶାନ୍ତ ବାର୍ଲା, ରିତିକ ଲାକ୍ରା ଓ ଆର୍ଯ୍ୟନ ଖେସ୍‌ଙ୍କୁ ମୁଖ୍ୟମନ୍ତ୍ରୀ ଆନ୍ତରିକ ଶୁଭେଚ୍ଛା ଓ ସାଧୁବାଦ ଜଣାଇଛନ୍ତି




ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ସହଯୋଗରେ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ "୬୫ତମ ଜାତୀୟ ଆନ୍ତଃ-ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନସିପ୍ ୨୦୨୬" ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତାରେ ଭାଗ ନେଉଥିବା ସମସ୍ତ କ୍ରୀଡ଼ାବିତଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗ ରାଜ୍ୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି




ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ ପକ୍ଷରୁ ଆଜି କଳିଙ୍ଗ ଷ୍ଟାଡିୟମ ଠାରେ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ କ୍ରୀଡ଼ା ସାମ୍ବାଦିକମାନଙ୍କର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ ଓଡ଼ିଶାରେ ତୃଣମୂଳ ସ୍ତରରୁ ଶୀର୍ଷ ପର୍ଯ୍ୟନ୍ତ କ୍ରୀଡ଼ାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଓଡ଼ିଶାର ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଖେଳାଳି ଯୋଗ ଦେଇଥିବା ବେଳେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

Printed, Published by : Rajesh Kumar Mohanty on behalf of Shree Shrikshetra Soochana, Raghunath Bhavan, Narendra Kona, Jagannath Puri-752001 (Odisha), Printed at : AB IMAGING & PRINTS PVT. LTD., 62 & 63, GANGA NAGAR, UNIT-6, Bhubaneswar, 751001, (Odisha), Mob- 9437058632, Email- soochananews111@gmail.com

Edited by
Rajesh Kumar Mohanty